## ସଂକ୍ଷେପରେ

### ମା' ଛୋଟି ଗୁଡ଼ି, ମା' ଗୋହେରା ଗଛେନଙ୍କ ଚୈତ୍ର ଯାତ୍ରା

ଖଡ଼ିଆଲ,୧୭।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର ଲାଲସାହେବପଡ଼ାସ୍ଥିତ ମା' ଛୋଟି ଗୁଡ଼ି ଏବଂ ଗୋହେରା ଗଛେନ ଚୈତ୍ର ଯାତ୍ରା ପାଳିତ ହୋଇଯାଇଛି। ଏହି ଯାତ୍ରା ଚୈତ୍ର ଅଷ୍ଟମୀ ତିଥିରେ ଅନୁଷ୍ଠିତ ହେଉଥିବା ବେଳେ ପ୍ରତିବର୍ଷ ଯାତ୍ରା ପାଳନ ନେଇ ମନ୍ଦିରକୁ ସାଜସଜ୍ଜା କରିବା ସହ ପୂଝାରୀ ମାନସିକ ଅନୁସାରେ ପୂଜା ଅର୍ଚ୍ଚନା କରିଥାନ୍ତି। ଏହି ଯାତ୍ରା ଦିନ ଦୁଇ ଦେବୀଙ୍କଠାରେ ଦୁଇ ଗୋଟି ବୁଦା ବଳି ଦେଇଥାନ୍ତି। ପ୍ରସାଦ ଘରକୁ ନେବା ପାଇଁ ନିଷେଧ ରହିଛି। ତେଣୁ ସମଗ୍ର ପଡ଼ାବାସୀଙ୍କ ଏକ ସ୍ଥାନରେ ଭୋଜିଭାତ କରି ପ୍ରସାଦ ସେବନ କରନ୍ତି। ପଡ଼ାର କୁଶଳ ମଙ୍ଗଳ କାମନା କରିବା ସହ ସମସ୍ତଙ୍କ ମଧ୍ୟରେ ଏକତା, ମୈତ୍ରୀ ଏବଂ ଭାତୃଭାବ ବଜାୟ ରହି ପ୍ରାଚୀନ ପରମ୍ପରା ପାଳନ ପାଇ ସମସ୍ତଙ୍କ ସହଯୋଗ କରିଥାନ୍ତି। ବରିଷ୍ଠଙ୍କୁ ସମ୍ମାନ, କନିଷ୍ଠଙ୍କୁ ସ୍ନେହ କରିବା ସହ ଏକାକାର ହେବାକୁ ଆହ୍ୱାନ କରିଥିଲେ।

### ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ

ଖଡ଼ିଆଲ,୧୭।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ମୁକ୍ତି ମାର୍ଗ ଚର୍ଚ୍ଚଠାରେ ୟୁଥ ଫେଲୋସିପି ଓ ସିଇ ସୋସାଇଟି ପକ୍ଷରୁ ଏକ ରକ୍ତଦାନ ଶିବିର ଖରିଆର ମିଶନ ଇଭେନଞ୍ଜେଲିକାଲ ହସ୍ପିଟାଲଠାରେ ୟୁଥ ଫେଲୋସିପି ସଭାପତି ଆର୍ଯ୍ୟନ ଚୌହାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଏଭଞ୍ଜେଲିକା ହସ୍ପିଟାଲ ନିର୍ଦ୍ଦେଶିକା ନିବେଦିତା ପରମାଣିକ ଏହାକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ପାଷ୍ଟର ଅଜୟ କୁମାର ନାଗ, ମସିଚରଣ ନାଗ, ସମ୍ପାଦିକା ସାଗତିକା ନାଗ, ପ୍ରୀତିପିୟୁଷ ନାଗ, ଏସ ଆଲକିନା ମସି, ଅଙ୍କିତ ଅଫସନା, ସୋନାଲି ନାଗ, ସୋମ୍ୟ ଜାଲ, ଅଙ୍କିତ ଚୌହାନ, ଅର୍ଚନା ପାଟିଲ, ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ସଭାପତି ଆର୍ଯ୍ୟନ ଚୌହାନ ପ୍ରକାଶ କରିଛନ୍ତି।

### ରାମ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା

କର୍ଲାମୁଣ୍ଡା,୧୭।୪(ପ୍ରଦୀପ କୁମାର ସାହୁ)

କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରୀରାମଲୀଳା ପାଇଁ ଗ୍ରାମଗୁଡ଼ିକ ଉତ୍ସବମୁଖର ହୋଇ ଉଠିଛି। ବୁଧବାରଠାରୁ ବ୍ଲକର ତେରେସିଂହା, ବିନ୍ଧାଣୀ, ରିଷିଡା, ବ୍ରାହ୍ମଣୀମୁଣ୍ଡା, ଓଡ଼ିଆମୁଣ୍ଡା, ସୁରୁଜୁଲି, ବଡ଼ଡୁଙ୍ଗୁରୀଗୁଡ଼ା, ପୌରକେଲା, ଝାରମୁଣ୍ଡା, ପୁଟିଗାଁ, ସରଗୁଲ-ମାଳପଡ଼ା, କୁଶୁର୍ଲା, ଯୋରାଡବରା, କଣ୍ଡରେଇ, ଟକାରୁମାଲ, କେନ୍ଦୁମୁଣ୍ଡି, ବାଗବୁରେଇ ଆଦି ଗ୍ରାମରେ ଭକ୍ତି ଓ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଥିବା ଜଣାପଡିଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ବିଷୟ ବସ୍ତୁକୁ ନେଇ ଶ୍ରୀରାମ ନବମୀ ସହ ୧୪ ଦିନ ବ୍ୟାପି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ଏହି ଅବସରରେ ବ୍ଲକର ରିଷିଡା, କର୍ଲାମୁଣ୍ଡା, ଜୋରାଡବରା -କୁଶୁର୍ଲା ଆଦି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭଉଣୀ ଭାଇମାନେ ରାମାୟଣର ବିଭିନ୍ନ ଚରିତ୍ରଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ।

### କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

**ମିଶିଲେ ବିଭିନ୍ନ ଦଳର କର୍ମୀ**

ଖପ୍ରାଖୋଲ, ୧୭।୪( ଅଭୟ ତ୍ରିପାଠୀ)

ସ୍ଥାନୀୟ ଭାରତ ପେଟ୍ରୋଲ ପମ୍ପ ନିକଟ କଂଗ୍ରେସ କାର୍ଯ୍ୟାଳୟ ଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ମିଶ୍ରଣ ପର୍ବରେ ପାଟଣାଗଡ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନିଲ ମେହେରଙ୍କ ଉପସ୍ଥିତିରେ ଖପ୍ରାଖୋଲ, ବେନକେରା, ବୁଢ଼ିବାହଲ, ଗୁର୍ଜିଭାଟା ଆଦି ଗ୍ରାମର ଅନ୍ୟ ଦଳର ଅନେକ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ଦଳ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ଯୁବନେତା ଗୋବିନ୍ଦ କଲେତ, ରଂଜିତ ସାହୁ, ଅନିରୁଦ୍ଧ ସାହୁ ଓ କଂଗ୍ରେସ ଦଳର କର୍ମୀମାନେ ଉପସ୍ଥିତ ଥିଲେ।

# ଅସ୍ଥିଶଲ୍ୟ ବିଭାଗରେ ଅସ୍ତ୍ରୋପଚାର ଠପ୍

## ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜ

**■ରୋଗୀ ହନ୍ତସନ୍ତ, ବିଶେଷଜ୍ଞ ଡାକ୍ତରଙ୍କ ହାତ ବନ୍ଧ**




ଭବାନୀପାଟଣା,୧୭।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡିବାସୀ ମେଡ଼ିକାଲ କଲେଜ ଆରମ୍ଭ ହେବାରୁ ଖୁସୀ ହୋଇଥିଲେ। ହେଲେ ଜିଲା ହସ୍ପିଟାଲ ଓ ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜ ମଧ୍ୟରେ ସମନ୍ୱୟ ନ ରହିବା ଯୋଗୁ ଅଧିକାଂଶ ରୋଗୀ ଅନ୍ୟ ମେଡ଼ିକାଲ କଲେଜକୁ ରେଫର ହେଉଥିବାବେଳେ ବହୁ ସମୟରେ ଗୁରୁତର ରୋଗୀ ହସ୍ପିଟାଲରେ ଠିକ ସମୟରେ ଚିକିତ୍ସା ନ ପାଇ ହଇରାଣ ହେଉଛନ୍ତି। ଏପରି କି ମୃତ୍ୟୁ ମୁଖରେ ପଡୁଛନ୍ତି। ସେହିପରି ମେଡ଼ିକାଲ କଲେଜରେ ଓ ଜିଲା ହେଡକ୍ୱାଟର ହସ୍ପିଟାଲରେ ସି ଆର୍ମ ମେଶିନ ନ ଥିବାରୁ ଅସ୍ଥି ଶଲ୍ୟ ବିଭାଗରେ ଗୋଟିଏ ବି ଅସ୍ତ୍ରୋପଚାର ହୋଇ ପାରୁନାହିଁ। ଗତ ୧ ବର୍ଷ ହେଲା ମେଡ଼ିକାଲ କଲେଜ ଖୋଲିଲାଣି। କଲେଜର ୫ଜଣ ବିଶେଷଜ୍ଞ ଡାକ୍ତର ଥିବାବେଳେ ଜଣେ ହେଡକ୍ୱାଟର ହସ୍ପିଟାଲରେ ନିଯୁକ୍ତି ପାଇଛନ୍ତି। ହେଲେ ଉପରୋକ୍ତ ମେଶିନ ନ ଥିବାରୁ ୧୦୦ ପ୍ରତିଶତ ଅସ୍ଥି ଶଲ୍ୟ ଅସ୍ତ୍ରୋପଚାର ସବୁ ଅନ୍ୟ ମେଡ଼ିକାଲ କଲେଜକୁ ରେଫର ହେଉଛି, ନ ହେଲେ ଲୋକେ ବେସରକାରୀ ହସ୍ପିଟାଲକୁ ଯାଇ ଅଧିକ ଖର୍ଚ୍ଚରେ ପଡୁଛନ୍ତି। ଏମିତି କି ଛୋଟ ଅସ୍ତ୍ରୋପଚାର ବି ହୋଇ ପାରୁନାହିଁ। ଲୋକେ କହୁଛନ୍ତି ମେଡ଼ିକାଲ କଲେଜର ଲାଭ କ'ଣ ବୋଲି ପ୍ରଶ୍ନ କରୁଛନ୍ତି। ପୂର୍ବରୁ ଏକ ଆର୍ମ ମେଶିନ ବହୁ ବର୍ଷ ତଳେ ଥିଲା। ଏହାର ରକ୍ଷଣା ବେକ୍ଷଣା ଅଭାବ ଏବଂ ବ୍ୟବହାର ନ ହେବାରୁ ଖରାପ ହୋଇ ପଡିଛି। ଏହି ପୁରୁଣା କାଳିଆ ମେଶିନ ମରାମତି ବି ହୋଇ ପାରୁନାହିଁ। ଫଳରେ ଅସ୍ତ୍ରୋପଚାର ବନ୍ଦ ରହିଛି। ଏହା ଦ୍ୱାରା ଏହି ବିଭାଗ ବିଶେଷଜ୍ଞଙ୍କ ହାତ ବି ବନ୍ଧ ହୋଇଯାଇଛି। ମେଡ଼ିକାଲ କଲେଜକୁ ଡାକ୍ତର ହେବା ପାଇଁ ପଢିବାକୁ ଆସୁଥିବା ଡାକ୍ତରୀ ଛାତ୍ର ବି କିଛି ଶିଖି ପାରୁ ନାହାନ୍ତି। ଜିଲାରେ ପ୍ରତିଦିନ ବହୁ ଦୁର୍ଘଟଣା ଘଟି ଲକୋଙ୍କ ହାଡ଼ ଗୋଡ଼ ଭାଙ୍ଗୁଛି। ଅଧିକାଂଶ ଅସ୍ତ୍ରୋପଚାର ଆବଶ୍ୟକତା ହେଉଛି। ହେଲେ ଏଠି ମେଶିନ ଅଭାବରୁ ହୋଇ ପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଶିନର ମୂଲ୍ୟ ବହୁତ ଅଧିକ ଥିବାରୁ କିଣା ଯାଇପାରୁ ନ ଥିବା କୁହାଯାଇଛି। ବହୁ ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମୀକ୍ଷା ହେଉଛି। ହେଲେ ଏହି ସମସ୍ୟା ଗୁରୁତ୍ୱ ଦିଆ ନ ଯିବାକୁ ଲୋକେ ନା ପସନ୍ଦ କରିଛନ୍ତି। ବର୍ତ୍ତମାନ କଲେଜ ସହ ଜିଲା ହେଡକ୍ୱାଟର ହସ୍ପିଟାଲ ଯୋଡି ହୋଇ ରହିଛି। କିନ୍ତୁ ବହୁ ସମୟରେ ସମନ୍ୱୟର ଅଭାବ ଦେଖାଦେଇଛି। ଯାହା ନେଇ ହଇରାଣ ହେଉଥିବା ରୋଗୀ ଅଭିଯୋଗ କଲେ ମଧ କେହି ପଦକ୍ଷେପ ନେଉ ନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ନିହାରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ମେଶିନ ନ ଥିବାରୁ ଅସ୍ତ୍ରୋପଚାର ହେଇ ପାରୁ ନ ଥିବା କହିଛନ୍ତି। ଏହା ପାଇଁ ପ୍ରସ୍ତାବ ଦିଆହୋଇଛି ବୋଲି କହିଛନ୍ତି।

## ବିଭିନ୍ନ ସ୍ଥାନରେ ପାଳିତ ହେଲା ଶ୍ରୀରାମନବମୀ ମହୋତ୍ସବ



ରାମ ଭକ୍ତଙ୍କ ଦ୍ୱାରା କେସିଙ୍ଗା ସହର ପରିକ୍ରମା କରାଯାଛି।

କେସିଙ୍ଗା,୧୭।୪(ଡୁମେଶ୍ୱର ସାହୁ)

ପ୍ରତିବର୍ଷ ପରି ଚଳିତବର୍ଷ ମଧ କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଶ୍ରୀରାମ ଭକ୍ତ ସଙ୍ଗଠନ ପକ୍ଷରୁ ମହାଆଡମ୍ବରରେ ଶ୍ରୀରାମନବମୀ ବୁଧବାର ପାଳିତ ହୋଇଯାଇଛି। ରାମ ନବମୀ ପାଇଁ ୧୦ ଦିନ ପୂର୍ବରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଯାଇଥିବା ବେଳେ ସହରକୁ ସୁନ୍ଦର୍ ଭାବରେ ସଜାଯାଇଛି। ବଲାଙ୍ଗୀର ଛକ ହରିଓମ କମ୍ପ୍ଲେକ୍ସସ୍ଥିତ ଶ୍ରୀ ହନୁମାନ ମନ୍ଦିରରୁ ଏକ ବିରାଟ ମଟରସାଇକଲ ରାଲି ସହର ପରିକ୍ରମା ହୋଇଥିଲା। ଅପରାହ୍ନ ୪ଟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବଲାଙ୍ଗୀର ଛକସ୍ଥିତ ହରି ଓଁ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ବାହାରିଥିଲା। ସହରର ହଜାର ହଜାର ସଂଖ୍ୟାରେ ରାମ ଭକ୍ତ ଏହି ବିଶାଳ ରାଲିରେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। କେସିଙ୍ଗା ବ୍ଲକ ସମ୍ମୁଖରେ କେସିଙ୍ଗା ବ୍ରାହ୍ମଣ ସମାଜ ପକ୍ଷରୁ ସଭାପତି ପ୍ରଦୀପ୍ତ କୁମାର ରଥଙ୍କ ନେତୃତ୍ୱରେ ରାଲିରେ ଯୋଗଦେଇଥିବା ସମସ୍ତ ରାମ ଭକ୍ତଙ୍କ ପାଇ ଥଣ୍ଡା ସରବତ ବ୍ୟବସ୍ଥା କରାଯାଇଥିବା ବେଳେ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ଥାନେ ସ୍ଥାନେ ପାନୀୟ ଜଳ ସହିତ ସର ବତ ବ୍ୟବସ୍ଥା ଭକ୍ତଙ୍କ କ୍ଲାନ୍ତ ଦୂର କରିଥିଲା । ରାତ୍ରି ୮ ଘଣ୍ଟା ସମୟରେ ହରିଓଁ କମ୍ପ୍ଲେକ୍ସଠାରେ ପ୍ରସାଦ ବଣ୍ଟନ ବଣ୍ଟନ ବ୍ୟବସ୍ଥା କରାଯାଇଛି।

# ଧର୍ମଗଡ଼ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଉପାନ୍ତ ଅଞ୍ଚଳରେ ପ୍ରଚାର



ବିଜେଡି ବିଧାୟକ ପ୍ରଚାର କରୁଛନ୍ତି।

କୋକସରା,୧୭।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

ନିର୍ବାଚନ ଯେତେ ପାଖେଇ ଆସୁଛି, ଜମୁଛି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର। କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଉପାନ୍ତ ଡୁଡୁକାଠେଙ୍ଗା, ଧୋବେନ ଚଞ୍ଚରା, ମୁନୁଗାପଦର, ବନ୍ଧପଡା, ନୂଆପଡା, ଦର୍ଲିପଡା ମହିମା ପଞ୍ଚାୟତର ମହିମା, ଘଣ୍ଟିଗୁଡା, ପୋଡାଖୋଲ, ଧୋବେନପଡା, ମାଲପଡା, ଡେଙ୍ଗାଗୁଡା ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଓ ଦଳୀୟ ସମର୍ଥକ ପ୍ରଚାର କରିଛନ୍ତି। ବିଧାୟକ ପ୍ରାର୍ଥୀ ସିଂଦେଓଙ୍କୁ ବିଭିନ୍ନ ଗ୍ରାମରେ ମହିଳାମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିଧାୟକ ପ୍ରାର୍ଥୀ ସିଂଦେଓ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ କାଳିଆ ଯୋଜନା, କଳାକାର ଭତ୍ତା ଯୋଜନାରେ ଅନିୟମିତତା ଓ ଅଚଳ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ନେଇ ମୁହାଁମୁହିଁ ଅଭିଯୋଗ କରୁଥିବା ବେଳେ ପ୍ରଚାରରେ ଆସିଥିବା ବିଧାୟକ ପ୍ରାର୍ଥୀଙ୍କୁ ସେମାନଙ୍କ ଅଭିଯୋଗର ଜବାବ ଦେବାକୁ ନାକେଦମ ହେବାକୁ ପଡୁଛି। ବିଧାୟକ ପ୍ରାର୍ଥୀ ସିଂଦେଓଙ୍କ ସହ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ ନିର୍ବାଚନମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ, ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ମହିମା ସରପଞ୍ଚ ଇଶରାମ କୋଲଥିଆ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଯୁବନେତା ରାଜେନ୍ଦ୍ର ନାଏକ, ମଣିରାମ ଛାତ୍ରିଆ, ବିରେନ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସହ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

**ମୌଳିକ ସମସ୍ୟା ନେଇ ଅଭିଯୋଗ କଲେ ଲୋକେ**

ଧର୍ମଗଡ ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶଧାରାକୁ ଜନତାଙ୍କ ନିକଟରେ ଉପସ୍ଥାପନ କରି ଆଗାମୀ ନିର୍ବାଚନରେ ଲୋକ ସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ତାଙ୍କୁ ଯୋଡ଼ା ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ଅନୁରୋଧ କରିଲେ। ତେବେ ଜନତାଙ୍କ ମଧ୍ୟରେ ମୌଳିକ ସମସ୍ୟାକୁ ନେଇ ଆକ୍ରୋଶ ମଧ ଦେଖିବାକୁ ମିଳିଛି। ଗାଁକୁ ଆସିଥିବା ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଗତବର୍ଷର ବିକାଶର ହିସାବ ମାଗିବା ସହ ପୂର୍ବରୁ ବିଜେଡି ସରକାରର ବିଧାୟକ ଦେଇଥିବା ମିଛ ପ୍ରତିଶ୍ରୁତିର ହିସାବ ନିକାସ ମାଗିଥିଲେ। ଅଞ୍ଚଳରେ ରହିଥିବା ପାନୀୟଜଳ, ରାସ୍ତା, ଆାସ ଯୋଜନା,

### ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ଖଡ଼ିଆଲ,୧୭।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଖଡ଼ିଆଲ ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ଜିଲା ବିଜେଡି ସଭାପତି ମନୋଜ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଖଡିଆଳ ବିଧାୟକ ତଥା ବିଜେଡି ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ, ଜିଲା ବିଜେଡି ମହିଳା ସଭାନେତ୍ରୀ ସରସ୍ୱତୀ ବାଗଙ୍କ ସମେତ ନିର୍ବାଚିତ ଦଳୀୟ ଜିଲା ପରିଷଦ ଓ କାଉନସିଲର ସଭ୍ୟ, ସଭ୍ୟା ଓ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ବିଜୁ ବାବୁ ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ, ଓଡ଼ିଆମାନଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ତାଙ୍କ ଭୂମିକା ଅତୁଳନୀୟ ବୋଲି ଅତିଥିମାନେ ପ୍ରକାଶ କରିବା ସହ ତାଙ୍କ ପଦାଙ୍କ ଅନୁସରଣ କରି ଏକ ଶ୍ରେଷ୍ଠ ଓଡିଶା ଗଠନ ପାଇଁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସଂକଳ୍ପ ପତ୍ର ସମସ୍ତେ ପାଠ କରି ଶପଥ ନେଇଥିଲେ। ନଗର ସଭାପତି ଦୀପକ କୁମାର ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଧୁ ମାଧବ ତୀର୍ଥକ୍ଷେତ୍ରକୁ ଶ୍ରୀରାମ ସେନା ପକ୍ଷରୁ ବାଇକ୍ ରାଲି



ଶ୍ରୀରାମ ସେନା ପକ୍ଷରୁ ବାଇକ୍ ରାଲି।

କୋକସରା,୧୭।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ଶ୍ରୀରାମ ସେନା ପକ୍ଷରୁ ମଧୁ ମାଧବ ତୀର୍ଥକ୍ଷେତ୍ରରେ ଥିବା ଶ୍ରୀରାମ ମନ୍ଦିରକୁ ଏକ ସୁସଜ୍ଜିତ ରଥ ଓ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ରାଲିରେ ଶତାଧିକ ଯୁବକ ଅଂଶଗ୍ରହଣ କରି ଗେରୁଆ ବସ୍ତ୍ର ପରିଧାନ କରି ଦୀର୍ଘ ୨୨ କି.ମି. ଜୟ ଶ୍ରୀରାମ, ଜୟ ହନୁମାନ ନାରା ଦେଇ ମଧୁ ମାଧବ ତୀର୍ଥକ୍ଷେତ୍ରରେ ଶ୍ରୀ ରାମ ନବମୀ ମହୋତ୍ସବରେ ପହଞ୍ଚି ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ସେନା ପକ୍ଷରୁ କ୍ଷୀରସିନ୍ଧୁ ନେଗି, ଅମୂଲ୍ୟ ବିଶି, ମହେଶ ଗୁପ୍ତା, ଚିତ୍ର ସେନ ବେହେରା, ମାନସ ବେହେରା, ମୋହନ ବାଗ, କିଷନ ପଟ୍ଟନାୟକ, ଅଧିରାଜିତ ନାଏକ, ମହେନ୍ଦ୍ର ପ୍ରଧାନୀ, ଶିଶିର ପ୍ରଧାନୀ, ସୁରଜ ନାଏକ, ଲିପୁନ ଶବର, ସଚିନ ପ୍ରଧାନୀ, ନକୁଳ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଶ୍ରାମାଗାର, ବସ୍‌ଷ୍ଟାଣ୍ଡ ନିର୍ମାଣ: ଉପକୃତ ହେବେ ଅଞ୍ଚଳବାସୀ

କେସିଙ୍ଗା,୧୭।୪(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁର୍ଲାଖମନ ଗ୍ରାମପଞ୍ଚାୟତ ଜାତୀୟ ରାଜପଥ ୫୯ ନିକଟରେ ଦୀର୍ଘ ଦିନରୁ ବିଶ୍ରାମାଗାର ଓ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ଜିଲାପାଳ, ବିଡିଓଙ୍କୁ ଲିଖିତ ଅନୁରୋଧ କରିଥିଲେ। ଜିଲାପାଳ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ବସଷ୍ଟାଣ୍ଡ ଓ ବିଶ୍ରାମ ଗୃହ ନିର୍ମାଣ ପାଇଁ ବିଡ଼ିଓ ତୁର୍ଲାଖମନ ଗ୍ରାମ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଥିଲେ। ତୁର୍ଲାଖମନ ଜାତୀୟ ରାଜପଥ ୫୯ ନିକଟରେ ତ୍ରିଛକ କୌଣସି ବିଶ୍ରାମ ଗୃହ କିମ୍ୱା ବସଷ୍ଟାଣ୍ଡ ନ ଥିବାରୁ ତୁର୍ଲାଖମନବାସୀ ଖରାବର୍ଷାରେ ହଇରାଣ ହେଉଥିଲେ। ଜିଲାପାଳ ଜନସାଧାରଣଙ୍କ ଅସୁବିଧା ଦୂର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ୫ ଲକ୍ଷ୨୨ହଜାର ବ୍ୟୟ ଅଟକଳରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ କେସିଙ୍ଗା ପଞ୍ଚାୟତ ସମିତିକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିବାରୁ ଉକ୍ତ ଗ୍ରାମବାସୀ କେସିଙ୍ଗା, ଭବାନୀପାଟଣା, ଏମ.ରାମପୁର ଯିବା ପାଇଁ ବସଷ୍ଟାଣ୍ଡରେ ବିଶ୍ରାମ କରି ବସ ଯୋଗେ ଗମନାଗମନ କରିଥିବାରୁ ଅଞ୍ଚଳବାସୀଙ୍କ ଖୁସିରଲହରି ଖେଳିଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳ ଓ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ଯୋଜନା ଠିକ ବ୍ୟବହାର କରି ଲୋକଙ୍କ ସେବାରେ ଲଗାଇବା ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଛି ବୋଲି ପ୍ରକାଶ କରିଥିଲେ।

**ତୁର୍ଲାଖମନବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ**



# ଜୋଲକୋ ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

କେସିଙ୍ଗା,୧୭।୪(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଲୋକଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ରେଲୱେ ଓଭର ବ୍ରିଜ ଓ ବାଇପାସ ରାସ୍ତାକୁ ନିର୍ମାଣ ନେଇ ଅନେକ ଦିନରୁ ଦାବି ରହିଥିଲା। ୨୦୧୬ରେ ୨୦୬ କୋଟି କେନ୍ଦ୍ର ରାଜପଥ ଯୋଜନାରୁ ଅର୍ଥ ମଞ୍ଜୁରୀ ହୋଇଥିଲା। କିନ୍ତୁ ତାହା ଠିକ ସମୟରେ ରେଲୱେ ଓଭର ବ୍ରିଜ ବା ବାଇପାସ ନିର୍ମାଣ କାମ ପ୍ରତି ଗୁରୁତ୍ୱ ନ ଦେଇ ସହର ବିଭିନ୍ନ ବ୍ୟବସାୟୀକ ଅନୁଷ୍ଠାନ ପକ୍ଷରୁ ରାଜନୈତିକ ଚାପ ପକାଇ ଏହି ଓଭର ବ୍ରିଜକୁ ବାତିଲ କରିଥିଲେ। ଫଳରେ ୨୦୬ କୋଟି ଟଙ୍କା କେନ୍ଦ୍ର ସରକାରକୁ ଫେରି ଯାଇଥିଲା। ସହରର ମଧ ଭାଗରେ ଛକରେ ଟ୍ରାଫିକ ସମସ୍ୟା ଦେଖା ଯିବାରୁ ଅନେକଙ୍କ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଦୀର୍ଘ ୮ ବର୍ଷ ବିତିଗଲା ପରେ ପୁଣି ଜାତୀୟ ରାଜପଥ ଯୋଜନା କେସିଙ୍ଗା ପକ୍ଷରୁ ଉକ୍ତ ଓଭର ବ୍ରିଜ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲା। କେନ୍ଦ୍ର ସରକାର ପୁଣି ଏହି ଓଭର ବ୍ରିଜ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରିବା ପରେ ବର୍ତ୍ତମାନ ଦ୍ରୁତଗତିରେ କାମ ଚାଲିଛି।

ରେଳ ଓଭର ବ୍ରିଜ ଓ ବାଇପାସ ରାସ୍ତା କେସିଙ୍ଗା ସହର ବଲାଙ୍ଗୀର ଛକର ପଶ୍ଚିମ ଦିଗରୁ ଆରମ୍ଭ ହୋଇ ସହର ମଧ ଭାଗରେ ଥିବା ଇଣ୍ଡିଏନ ପେଟ୍ରୋଲ ପମ୍ପ ନିକଟରେ ଶେଷ ହେଉଛି। ଯାହାଦ୍ୱାରା ଦୁର୍ଘଟଣା କମିବା ବଦଳରେ ଆହୁରି ବଢିବ। ବ୍ୟସ୍ତବହୁଳ ପେଟ୍ରୋଲ ପମ୍ପ ସହ ନିକଟରେ ସରସ୍ୱତୀ ବିଦ୍ୟାମନ୍ଦିର, ଏଫସିଆଇ କଳାହାଣ୍ଡି ଟ୍ରକ ମାଲିକ ସଂଘ, ବୋରିଙ୍ଗପଦରସ୍ଥିତ କସ୍ତୁରୀବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଫସିଆଇରେ ସବୁବେଳେ ରେକ ଲାଗୁଥିବା ବେଳେ କଳାହାଣ୍ଡି ଟ୍ରକ ମାଲିକ ସଂଘ ଓ ବୋରିଙ୍ଗ ପଦରସ୍ଥିତ କସ୍ତୁରୀ ଗାନ୍ଧୀ ବାଳିକା ବିଦ୍ୟାଳୟ ପାଇଁ ସବୁବେଳେ ବିପଦ ରହିଛି। ପ୍ରତିବର୍ଷ ଇଣ୍ଡିଏନ ପେଟ୍ରୋଲ ପମ୍ପଠାରୁ ବୋରିଙ୍ଗପଦର ମଧ୍ୟରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ଚାରି ଲେନ ବିଶିଷ୍ଟ ଜାତୀୟ ରାଜପଥ ଆରମ୍ଭ ହେଲେ ସ୍ଥିତି ଭୟାବହ ହେବ ବୋଲି ଲୋକେ ଏବେଠାରୁ ଆଶଙ୍କାରେ ଅଛନ୍ତି। ଏ ନେଇ ସହର ବୁଦ୍ଧିଜୀବୀ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ବିଭାଗ ଦ୍ୱାରା ବରଗଡ଼ଠାରୁ ବୋରିଗୁମା ଜାତୀୟ ରାଜପଥ ୨୬କୁ ଚାରି ଲେନ ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ ପାଇଁ ଅର୍ଥ ମଞ୍ଜୁର ହୋଇ ଖୁବଶୀଘ୍ର ଅମାଠରୁ ସମ୍ପ୍ରସାରଣ କାମ ଆରମ୍ଭ ହେବା ପାଇଁ ବିଭାଗୀୟ ପକ୍ଷରୁ ସୂଚନା ମିଳିଛି। ସେଥିପାଇଁ ରେଲୱେ ଓଭର ବ୍ରିଜ ଓ ବାଇପାସ ରାସ୍ତା ଚାରି ଲେନ ବିଶିଷ୍ଟ ରାସ୍ତା କାମ ଆରମ୍ଭ ହୋଇଛି। ଯଦି ଇଣ୍ଡିଆନ ପେଟ୍ରୋଲ ପମ୍ପଠାରୁ ଚାରି ଲେନ ରାସ୍ତା କାମ ଆରମ୍ଭ ହୁଏ ତେବେ ଅନେକ ଲୋକ ଘର ଦାର ଭାଙ୍ଗିବାକୁ ପଡିବା ସହ ଅନେକେ ବ୍ୟବସାୟୀଙ୍କ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ଏ ନେଇ ବାଇପାସ ରାସ୍ତା ସର୍ଭେ ହେବା ଦିନଠାରୁ ଲୋକେ ବିରୋଧ କରି ବଲାଙ୍ଗୀର ଛକଠାରୁ ଜୋଲକୋ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ଦାବି କରି ଆସୁଛନ୍ତି। ଏ ସଂକ୍ରାନ୍ତରେ ଜାତୀୟ ରାଜପଥ ଏସ୍‌ଡିଓ ଅନନ୍ତ ପ୍ରଧାନଙ୍କୁ ପଚାରିବାରୁ ଜାତୀୟ ରାଜପଥ ୨୬ ଚାରି ଲାଇନ ବିଶିଷ୍ଟ ରାସ୍ତା ହେବ, କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ଅର୍ଥକୁ ବ୍ରିଜ କାମ ସମ୍ପୂର୍ଣ୍ଣ ହେବା ପରେ ଜୋଲକୋ ଯାଏ ସମ୍ପ୍ରସାରଣ ପାଇଁ ପୁଣି ସର୍ଭେ କରାଯିବ ବୋଲି ପ୍ରକାଶ କରିଥିଲେ।



ନିର୍ମାଣାଧୀନ କେସିଙ୍ଗା ରେଲୱେ ଓଭର ବ୍ରିଜ ଓ ବାଇପାସ୍ ରାସ୍ତା।

**ରେଲୱେ ଓଭର ବ୍ରିଜ, ବାଇପାସ ରାସ୍ତା**

# ଧାନ ବିକ୍ରି ପାଇଁ ପଞ୍ଜୀକୃତ ୩୫, ୫୬୧ ଚାଷୀ

ସୋନପୁର,୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୨୨ରୁ ରବିରବିରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ୬୦ ପାକ୍ସ ଓ ୩୭ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଧାନ କିଣିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି। ଏହି କ୍ରମରେ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ରବି ଧାନ ସଂଗ୍ରହ ପାଇଁ ଚାଲିଥିବା କ୍ଷେତ୍ରୀୟ ଯାଞ୍ଚର ଅଗ୍ରଗତି ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ୩୫ ହଜାର ୫୬୧ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଚାଷୀମାନଙ୍କର ଚାଷ ହୋଇଥିବା ଜମିର ପରିମାଣ ଏବେ ଯାଞ୍ଚ ଚାଲିଛି। ରାଜସ୍ୱ ନୀରିକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ଜଳସେଚନ ବିଭାଗୀୟ କର୍ମଚାରୀ ଓ ପ୍ୟାକ୍ସ ସମ୍ପାଦକଙ୍କୁ ନେଇ ଗଠିତ ଯୁଗ୍ମ କ୍ଷେତ୍ର ତଦନ୍ତ କମିଟି କ୍ଷେତ୍ରୀୟ ତଦନ୍ତ କରି ଚାଷ ହୋଇଥିବା ଜମିର


ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

**୨୨ ସୁଦ୍ଧା କ୍ଷେତ୍ରୀୟ ତଦନ୍ତ ରିପୋର୍ଟ ପ୍ରଦାନ କର**

ପରିମାଣକୁ ତଦନ୍ତ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ ହଜାର ୬୮୦ ଚାଷୀଙ୍କ ଜମିର ତଦନ୍ତ ବାକି ଅଛି। ଆସନ୍ତା ୨୨ ତାରିଖ ସୁଦ୍ଧା ତଦନ୍ତ ସାରି ନିର୍ଭୁଲ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ଦାସ ଯୁଗ୍ମ କ୍ଷେତ୍ର ତଦନ୍ତ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ସମସ୍ତ ତହସିଲଦାର, ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ସୁବର୍ଣ୍ଣପୁର ଡିଆରସିଏସ୍ ରଶ୍ମିଲତା ବେହେରା, ସୋନପୁର ଏଆରସିଏସ ପାଣ୍ଡୁ ଚରଣ ସାହୁ, ବୀରମହାରାଜପୁର ଏଆରସିଏସ୍ ଗିରିଶ ଚନ୍ଦ୍ର ପୁରୋହିତ, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ବୀରମହାରାଜପୁର ଆରଏମ୍‌ସି ସମ୍ପାଦକ ମନୋଜ କୁମାର ଜେନା, ବ୍ଲକ କୃଷି ଅଧିକାରୀ ଓ ରାଜସ୍ୱ ପରିଦର୍ଶକ ଯୋଗଦାନ କରିଥିଲେ।

# ରେଘାମୁଣ୍ଡା ଆଇପିଏଲ୍: ରଣା ଟାଇଗର ଦଳ ଚାମ୍ପିୟନ

ଖୁଣ୍ଟିଗୋରା,୧୭।୪(ମକରନ୍ଦ ସାହୁ)



ବିଜେତା ଦଳ।

ସତ୍ୟମ ଶିବମ ସୁନ୍ଦରମ କ୍ରିକେଟ କ୍ଲବ ପକ୍ଷରୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଅନ୍ତର୍ଗତ ରେଘାମୁଣ୍ଡା ପ୍ରିମିୟର ଲିଗ(ଆଇପିଏଲ) ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ରେଘାମୁଣ୍ଡା ରଣା ଟାଇଗର ଦଳ ଏବଂ ନଣ୍ଡା ବାହାଲି ରୁଦ୍ରମ ଇଲେଭେନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଘାମୁଣ୍ଡା ରଣା ଟାଇଗର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ନଣ୍ଡା ବାହାଲି ରୁଦ୍ରମ ଇଲେଭେନ ଦଳ ୧୦ ଓଭର ଖେଳରେ ୮ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁରଥ ରଣା, ସୋନଜ ରଣା ଖେଳ ପରିଚାଳନା କରିଥିଲେ। ଲିଙ୍ଗରାଜ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଆକାଶ ରଣା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଆୟୋଜକ ଟିମ ଲିଙ୍ଗରାଜ ରଣା, ମନୋଜ ରଣା, ଅମିତ ରଣା, ରୋହିତ ଭୋଇ, ଯୁଗେଶ୍ୱର, ସୁରେନ୍ଦ୍ର ରଣା, ସୁରଥ ରଣା। ମୁଖ୍ୟଅତିଥି ଭାବେ ଉମା ପଞ୍ଚାୟତ ସରପଞ୍ଚ ଦୈଲଥ ପାଣ୍ଡେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ରଣା, ତପନ ସାହୁ, ସାଧୁ ରଣା, ଚନ୍ଦ୍ରଶେଖର ରଣା, ପରମେଶ୍ୱର ଝାଙ୍କର, ସନ୍ତୋଷ ରଣା ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଗ୍ରାମର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ବାଇକ୍ ଶୋଭାଯାତ୍ରା


ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ।

ଡୁଙ୍ଗୁରିପାଲି,୧୭।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏକ ବାଇକ୍ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳଙ୍କ ନେତୃତ୍ୱରେ ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲିରୁ ବହୁ ସଂଖ୍ୟାରେ ବିଜୁ ଯୁବ ଛାତ୍ର ,ବିଜେଡି କର୍ମୀ ବାଇକ୍ ଶୋଭାଯାତ୍ରାରେ ବାହାରି ଡୁଙ୍ଗୁରିପାଲି ସହର ପରିକ୍ରମା କରି ଖୁଣ୍ଟାପାଲି ଗ୍ରାମରେ ପହଞ୍ଚି ଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ଲକ ବିଜେଡି ସଭାପତି ବିଶ୍ୱାଳ ଯୋଗଦେଇ କହିଥିଲେ ବିଜୁବାବୁ ହେଉଛନ୍ତି ଓଡିଆ ସ୍ୱାଭିମାନ ଓ ସାହାସିକତାର ପ୍ରତୀକ। ନବ ଉତ୍କଳର ନିଆରା ବିନ୍ଧାଣୀ । ତାଙ୍କ ନାମ ସ୍ମରଣ ମାତ୍ରେ ଆଖି ଆଗରେ ନାଚିଯାଏ ସାହାସିକତାର ଶିଖର ଛୁଇଁଥିବା ଜଣେ ମଣିଷର ଛବି । ଏହି ଅବସରରେ ବିଜୁବାବୁଙ୍କ ନୀତି ଆଦର୍ଶକୁ ନେଇ କର୍ମୀମାନେ ଶପଥ ପାଠ କରିଥିଲେ । ବାଇକ୍ ଶୋଭାଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବଲାଙ୍ଗୀର ଜିଲା ବିଜୁ ଯୁବଛାତ୍ର ଉପସଭାପତି ବିଭୁଦତ୍ତ ରାଜହଂସ, ଜିଲା ଓବିସି ସେଲ ସଭାପତି ରଞ୍ଜନ ଠେଲା, ବିଜେଡି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ପାଣ୍ଡିଆ, ମିଡ଼ିଆ ସେଲ୍‌ର ଗୁଣନିଧି ଦୀପ, ମନୋରଞ୍ଜନ ପଧାନ,ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ଯୁଧିଷ୍ଠିର ପଧାନ, ସ୍ୱାଧୀନ ବିଶ୍ୱାଳ, ରୋଶନ ବିଶ୍ୱାଳ, ବେହେରାମାଲ ସରପଞ୍ଚ ନରେଶ ପୂଜାରୀ, ରାଜକୁମାର ସାହୁ, ଲବ ମେହେରଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ଥିଲେ ।

# ଘଣ୍ଟାପଡ଼ାରେ ଶ୍ରୀରାମ ନବମୀ ପାଳିତ

ଘଣ୍ଟାପଡ଼ା,୧୭।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାରେ ଶ୍ରୀରଘୁନାଥ ନାଟ୍ୟ ସଂସଦ ଓ ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶ୍ରୀରାମ ଜନ୍ମୋତ୍ସବ ନୀତିକାନ୍ତିରେ ପାଳିତ ହୋଇଯାଇଛି। ମନ୍ଦିରରେ ପୂଜିତ ଶ୍ରୀରାମ ମୂର୍ତ୍ତିକୁ ଆବାହନ କରି ରାମଲୀଳା ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ ଶ୍ରୀଜଗନ୍ନାଥ ନାଟ୍ୟସଂସଦ ପକ୍ଷରୁ ନାଟକ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶ୍ରୀରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ରାମାୟଣ ପଠନ କରି ୯ଦିନରେ ପୂର୍ଣ୍ଣାହୁତି କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ସଂପାଦକ ଅଶୋକ ଦେହୁରୀ ଓ ଦେବେନ୍ଦ୍ର ରଣା ପ୍ରକାଶ କରିଛନ୍ତି।

# ମୋଟରସାଇକେଲ ଶୋଭାଯାତ୍ରା: ଶକ୍ତି ପ୍ରଦର୍ଶନ କଲା ବିଜେଡି


ବିଜେଡିର ମୋଟର ସାଇକେଲେ ଶୋଭାଯାତ୍ରା।

ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ବୁଧବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବ୍ରିଜଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ

**ଜିଲା ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ**

ମିଶ୍ର, ଅଶୋକ କୁମାର ସାହୁ,ଏନଏସି ଉପାଧ୍ୟକ୍ଷା ସୁବାସିନୀ ସେଠୀ, କନ୍ଧମାଳ ଏମ୍‌ପି ପ୍ରତିନିଧି ତାରେଣୀ କୁମାର ମହାପାତ୍ର , ବିଦ୍ୟାଧର ସ୍ୱାଇଁଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ଶ୍ରାଦ୍ଧ ଦିବସରେ ନିର୍ବାଚନ ନେଇ ବିଜେଡି ପକ୍ଷରୁ ବୁଧବାର ଦିନ ଶକ୍ତି ପ୍ରଦର୍ଶନ କରାଯାଇଛି । ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ପୁରା ବୌଦ୍ଧ ସହର ପରିକ୍ରମା କରିଥିଲା। ଶୋଭଯାତ୍ରାରେ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ଥିଲେ ।

# ବିଜେଡିକୁ ଫେରିଲେ ବୀରମହାରାଜପୁର ବ୍ଲକ ଅଧକ୍ଷା, ଉପାଧ୍ୟକ୍ଷ

ସୋନପୁର,୧୭।୪(ମୃତ୍ୟୁଞ୍ଜୟ ଶତପଥୀ)

ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ଏବଂ ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା ସେମାନଙ୍କ ସମର୍ଥକଙ୍କ ସହ ବିଜେଡିକୁ ଫେରିଛନ୍ତି। ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆଦେଶ କ୍ରମେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ବୁଧବାର ପ୍ରେସ ରିଲିଜ୍ ଜରିଆରେ ଏ ସମ୍ପର୍କରେ ଜଣାଇଛନ୍ତି। ବୀରମହାରାଜପୁର ବ୍ଲକ ଅଧକ୍ଷା, ଉପାଧ୍ୟକ୍ଷଙ୍କ ସମେତ ସେମାନଙ୍କ ସହଯୋଗୀ ତଥା ବିଜେଡି

**୮ ତାରିଖରେ ସମର୍ଥକଙ୍କ ସହ ଦେଇଥିଲେ ଇସ୍ତଫା**

ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ବରିଷ୍ଠ ନେତା ରୁଷିନାଥ ମହାକୁଡ ଓ ୫୪ ଜଣ ଅନ୍ୟ ଦଳୀୟ ନେତା ଦଳକୁ ପୁଣି ଫେରିଥିବା ଦଳ ପକ୍ଷରୁ କୁହାଯାଇଛି। ନାରାୟଣ ବୀରମହାରାଜପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡିରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ସେ ଟିକେଟ ପାଇବା ପାଇଁ ଆବେଦନ କରିବା ସହ କିଛି ମାସ ଧରି ନିଜର ଶକ୍ତି ପ୍ରଦର୍ଶନ କରି ଆସୁଥିଲେ। ତେବେ ଦଳ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ପୁଣି ରିପିଟ୍ କରିଥିଲା। ଏଥିରେ ନିରାଶ ହୋଇ ଗତ ୮ ତାରିଖରେ ନାରାୟଣ, ତାଙ୍କ ସ୍ତ୍ରୀ ତଥା ବ୍ଲକ ଅଧକ୍ଷା ଶାନ୍ତି ଲୁହା, ବିଜେଡିର କିଛି ବରିଷ୍ଠ ନେତା ଓ ବ୍ଲକର କେତେଜଣ ସରପଞ୍ଚ, ସମିତି ସଭ୍ୟ ବିଜେଡି ରାଜ୍ୟ ସଭାପତିଙ୍କୁ ନିଜର ଇସ୍ତଫାପତ୍ର ପଠାଇଥିଲେ। ଏପରିକି ପଦ୍ମନାଭଙ୍କ ପ୍ରାର୍ଥୀତ୍ୱକୁ ନାରାୟଣଙ୍କ ସମର୍ଥକମାନେ ବିରୋଧ କରିବା ସହ ବ୍ଲକ ଛକରେ ତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ତେବେ ନାରାୟଣଙ୍କୁ ମନାଇବା ପାଇଁ ଦଳ ପକ୍ଷରୁ ଉଦ୍ୟମ ହୋଇଥିଲା। ଡାକରା ପାଇ ନାରାୟଣ ବାରମ୍ବାର ଭୁବନେଶ୍ୱରର ନବୀନ ନିବାସକୁ ଯାଇଥିଲେ। ନିରଞ୍ଜନ ମଧ୍ୟ ବୀରମହାରାଜପୁର ଆସି ତାଙ୍କ ସହ ଆଲୋଚନା କରିଥିଲେ। ଶେଷରେ ତାଙ୍କ ଇସ୍ତଫାପତ୍ର ଗ୍ରହଣ ନ କରିବା ସହିତ ପୂର୍ବ ଭଳି ଦଳରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେବାକୁ କୁଆଡେ ନାରାୟଣ ଓ ତାଙ୍କ ସମର୍ଥକମାନେ ବିଜେଡି ସୁପ୍ରିମୋ ନବୀନଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଅନୁରୋଧକୁ ଗ୍ରହଣ କରିବା ସହ ପୂର୍ବଭଳି ଦଳରେ ଦାୟିତ୍ୱ ନିର୍ବାହ କରିବାକୁ ଅନୁମତି ପ୍ରଦାନ କରିଥିବା ଦଳ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହା ବୀରମହାରାଜପୁରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା

**ଜୟ ଶ୍ରୀରାମ ନାରାରେ କମ୍ପିଲା ସହର**

ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)

ଶ୍ରୀରାମ ନବମୀ ପାଇଁ ଚାରିଆଡ ଉତ୍ସବ ମୁଖର ହୋଇଥିବା ବେଳେ ବୌଦ୍ଧ ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ଶୋଭଯାତ୍ରା ସହରର ବୁଟୁପାଲି ଠାରୁ ବାହାରି ଏନଏସି ଛକ, ଗାନ୍ଧୀଛକ, ମେଡିକାଲ ଛକ, ପୁରୁଣା ବ୍ଲକ ଛକ, ସହିଦ୍ ଛକ, ଗଣେଷ ବଜାର, ପୋଡାପୋଡା ଛକ ଦେଇ ହନୁମାନ ମନ୍ଦିରଠାରେ ପହଞ୍ଚି ଥିଲା। ଶୋଭାଯାତ୍ରା ସମୟରେ ସହରରେ ଶ୍ରୀରାମଙ୍କ ବେଶରେ କୁନିକୁନି ଶିଶୁ ସାମିଲ ଥିବା ବେଳେ ନାମ ସଂକୀର୍ତ୍ତନ ଓ ଜୟ ଶ୍ରୀରାମ ନାରାରେ ପୁରା ସହର କମ୍ପି ଉଠିଥିଲା। ଶୋଭାଯାତ୍ରାରେ ବହୁ ସଂଖ୍ୟକ ଭକ୍ତ ସାମିଲ ଥିଲେ।


ରାମନବମୀ ଅବସରରେ ବୌଦ୍ଧ ସହରରେ ଶୋଭାଯାତ୍ରା।

# ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ

ଡୁଙ୍ଗୁରିପାଲି,୧୭।୪ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବୁଧବାର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ବିଭାଗର ଭବାନୀ ପଟେଲ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ଭୋଇ ଯୋଗଦେଇ ଥିଲେ। ପଞ୍ଚ ଉପଚାର ପଦ୍ଧତିରେ ଅତିଥିଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମ, ବାଗଦେବୀ ସରସ୍ୱତୀ, ପରମ ବ୍ରହ୍ମ ଓଁ ଓ ଭାରତ ମାତାଙ୍କ ପୂଜା କରାଯାଇ ଥିଲା। ଏହାପରେ ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଶ୍ରୀରାମନବମୀର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭୋଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପାଢୀ ଶିଶୁଙ୍କ ଉପଯୋଗୀ ମହାମନ୍ତ୍ର ବିଷୟରେ ଆଲୋଚନା କରିଥିଲେ। ବାସନ୍ତୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।


ଉତ୍ସବରେ ଅତିଥି ବୃନ୍ଦ ଓ ଛାତ୍ରୀଛାତ୍ର।

# ଆରମ୍ଭ ହେଲା ବୌଦ୍ଧର ଗଣପର୍ବ ରାମଲୀଳା

ବୌଦ୍ଧ,୧୭।୪(ଅଜିତ କୁମାର ବାରିକ)

ଗଡଜାତ ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବ ପବିତ୍ର ରାମନବମୀଠାରୁ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତି ମଣ୍ଡପଠାରେ ବୁଧବାର ଠାରୁ ଆରମ୍ଭ ହୋଇଛି। ରାମ ନବମୀ ଉତ୍ସବ ଅବସରରେ ବୌଦ୍ଧ ସହର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଯାତ୍ରାନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦର ସମସ୍ତ ସଦସ୍ୟ ୧୮ ଦିନ ପରମ୍ପରା ଅନୁଯାୟୀ ବ୍ରତ ଧାରଣ କରିଛନ୍ତି। ସହର ଦେଇ ଯାଇଥିବା ମହାନଦୀର ହନୁମାନ ମନ୍ଦିର ନିକଟରୁ ମହାନଦୀର ପବିତ୍ର ଜଳକୁ ୧୦୮ କଳସୀରେ ଏକ ବିରାଟ ଶୋଭାଯାତ୍ରାରେ ନେଇ ମାରୁତି ମଣ୍ଡପଠାରେ ସ୍ଥାପନ କରାଯାଇଛି। ଶ୍ରଦ୍ଧାଳୁମାନେ ଦିନ ତମାମ ରଘୁନାଥ ଜୀଉ ମନ୍ଦିରରେ ଭିଡ ଜମାଇ ରାମନବମୀ ପୂଜନୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ଭାଇଚାରାର ନିଦର୍ଶନ ଦେଖାଇ ଏହି ଦିନରେ ସହରର ମୁସଲମାନ ଭାଇମାନେ ଆଜି ଜୀବ ହତ୍ୟା ବନ୍ଦ କରିବା ସହିତ ମାଂସ ଓ ମାଛ ବଜାର ବନ୍ଦ ରହିଛି। ସମସ୍ତଙ୍କ ଘର ଆଗରେ କଳସ ବସିବା ସହ ଶ୍ରଦ୍ଧାଳୁମାନେ ଦୀପ ଜାଳିଥିଲେ। ଯାତ୍ରାରେ ଅଂଶଗ୍ରହଣ କରିଥିବା


ମହାନଦୀ ଘାଟରୁ ବାହାରି ଥିବା କଳସ ଶୋଭାଯାତ୍ରା।

**୧୮ ଦିନ ଧରି ମାରୁତି ମଣ୍ଡପରେ ପ୍ରଦର୍ଶନ ହେବ ନାଟକ**

ବ୍ରତୀମାନେ ଆଜିଠାରୁ ନିଜସ୍ୱ ଗୃହ ତ୍ୟାଗ କରିଛନ୍ତି । ଏହି ଯାତ୍ରା ସମୟରେ ସମସ୍ତ ବ୍ରତୀ ଗୋଟିଏ ଓଳି ହବିଷ୍ୟାନ୍ନ ଭକ୍ଷଣ କରିବା ସହିତ ଭୂମିରେ ଶୋଇବା ପାଇଁ ସଂକଳ୍ପ ବଦ୍ଧ ହୋଇଛନ୍ତି। ୧୮ ଦିନ ଧରି ରାମଲୀଳା ଅବସରରେ ବ୍ରତୀମାନଙ୍କ ଦ୍ୱାରା ଶ୍ରୀରାମଙ୍କ ଜୀବନ ଚରିତକୁ ନେଇ ନାଟକ ମାରୁତୀ ମଣ୍ଡପ ଠାରେ ପ୍ରଦର୍ଶିତ କରାଯିବ। ପରମ୍ପରା ଅନୁଯାୟୀ ପ୍ରଥମ ଦିବସରେ ଶ୍ରୀରାମଙ୍କ ସହିତ ତାଙ୍କର ଅନ୍ୟ ଭ୍ରାତାମାନଙ୍କ ଜନ୍ମ ବୃତ୍ତାନ୍ତକୁ ନେଇ ଯାତ୍ରା ନାଟକ ଶୈଳୀରେ ପରିବେଷଣ କରାଯାଇଛି। ରାମାୟଣ ପାରାୟଣ, ଭଜନସନ୍ଧ୍ୟା ଓ ନିର୍ବାକ୍ ନୃତ୍ୟ ନାଟିକା ପରେ ପ୍ରତିଦିନ ରାତିସାରା ରାମାୟଣର କଥାବସ୍ତୁକୁ ନେଇ ନାଟକ ଚାଲୁ ରହିବ। ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ଲିଖିତ ନାଟକର ନିର୍ଦ୍ଦେଶନା ଦେଇଛନ୍ତି ବର୍ଷୀୟାନ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର ଓ ଯୁବ ସଙ୍ଗୀତକାର ତୁଷାରକାନ୍ତ ପଟ୍ଟନାୟକ। ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସଂପାଦକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ଆରମ୍ଭ ହୋଇଛି । ବୌଦ୍ଧରେ ଗଣପର୍ବର ମାନ୍ୟତା ପାଇ ସାରିଥିବା ଏହି ରାମଲୀଳା ଯାତ୍ରା ଜିଲାର ବାଉଁଶୁଣୀ, ବରଝୁଲି, କେଲାକଟା, ସରସରା, ବାମଣ୍ଡା, ଗୋବିନ୍ଦପୁର, ପୋଲାମ, ନାରାୟଣ ନଗର, ଦେବଗଡ ଓ ତେଲିବନ୍ଧ ସମେତ ଅନେକ ଗ୍ରାମରେ ପ୍ରତିବର୍ଷ ପରି ପାରମ୍ପରିକ ନୀତିରେ ଆରମ୍ଭ ହୋଇଛି ।

# ବାସଗୃହ ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ ଚେତାବନୀ

## ଜବରଦଖଲ ଉଚ୍ଛେଦ ନେଇ ବସ୍ତିବାସିନ୍ଦାଙ୍କ ଅସନ୍ତୋଷ

ରାଉରକେଲା, ୧୭।୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ରଘୁନାଥପାଲୀ ନିର୍ବାଚନମଣ୍ଡଳୀରେ ବସ୍ତି ସମସ୍ୟା ମୁଣ୍ଡ ଟେକିଛି। ରାଉରକେଲା ଇସ୍ପାତ କାରଖାନାର ୨୨ଟି ସେକ୍ଟର ଇସ୍ପାତ ଅଞ୍ଚଳ ଓ ଲାଠିକଟା ବ୍ଲକର ୬ଟି ପଞ୍ଚାୟତକୁ ନେଇ ଗଠିତ ଉକ୍ତ ନିର୍ବାଚନ ମଣ୍ଡଳୀରେ ରହିଛି ଛୋଟବଡ଼ ୨ଶହରୁ ଊର୍ଦ୍ଧ୍ୱ ବସ୍ତି। ଉକ୍ତ ବସ୍ତି ଗୁଡ଼ିକରେ ବାସଗୃହ, ଉତ୍କଟ ଜଳ ସମସ୍ୟା, ପରିମଳ ବ୍ୟବସ୍ଥା ଆଦି ମୌଳିକ ସୁବିଧା ପୂରଣ ହେଉ ନ ଥିବା ଯୋଗୁ ବିବାଦ ମୁଣ୍ଡ ଟେକୁଛି। ଏହିକ୍ରମରେ ଇସ୍ପାତ ଅଞ୍ଚଳ ସେକ୍ଟର-୬ ଦୁର୍ଗାପୁର ପାହାଡ଼ ନିମ୍ନ ଅଞ୍ଚଳରେ ଥିବା ଏକତା ବସ୍ତି, ଜାମଟୋଲି, ବିନ୍ ବସ୍ତି, ସୁବାସ ବସ୍ତି, ପାହାଡ଼ି ବସ୍ତି, ନେପାଳୀ ମନ୍ଦିର ବସ୍ତି, ଟାଙ୍କି ବସ୍ତି, ଲେଫ୍ରିପଡ଼ା ବସ୍ତି, ସେକ୍ଟର-୫ ବସ୍ତି ସମେତ ୨୦ରୁ ଊର୍ଦ୍ଧ୍ୱ ବସ୍ତି ଗୁଡ଼ିକରେ ବାସଗୃହକୁ ନେଇ ବିବାଦ ଦେଖାଯାଇଛି। ରାଉରକେଲା ବନବିଭାଗ ପକ୍ଷରୁ କିଛି ଘର ଜବରଦଖଲ ଉଚ୍ଛେଦ ହୋଇଛି। ଏହାକୁ ବସ୍ତିବାସୀ ବିରୋଧ କରିଛନ୍ତି।


ଉଚ୍ଛେଦ ହୋଇଥିବା ଘର।






ଏହାର ତ୍ୱରିତ ସମାଧାନ ନ ହେଲେ ଆଗାମୀ ଦିନରେ ବସ୍ତିବାସୀ ସାମୂହିକ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବସ୍ତିରେ ଦୀର୍ଘ ୪୦ ବର୍ଷରୁ ରହୁଥିବା ନକୁଳ ନାୟକ(୪୦)ଙ୍କ ଅଭିଯୋଗ ଅନୁଯାୟୀ, ବସ୍ତିରେ ପ୍ରଶାସନ ପକ୍ଷରୁ ପିଇବା ପାଣି, ରାସ୍ତାଘାଟ , ବିଜୁଳୀ ଆଦିର ବନ୍ଦୋବସ୍ତ କରାଯାଇଥିଲା। ସବୁ ସୁବିଧା ପ୍ରଦାନ ପରେ ହଠାତ୍ ବନବିଭାଗ କୌଣସି ନୋଟିସ ଜାରି ନ କରି ଘର ଗୁଡ଼ିକ ଭାଙ୍ଗି ଦେଲା। ପ୍ରବଳ ଖରାରେ ଅନ୍ୟ କେଉଁ ଆଡକୁ ଯିବା ସମ୍ଭବ ହେଉନାହିଁ। ଛୋଟପିଲା ଓ ବୃଦ୍ଧାବୃଦ୍ଧ ମାନେ ବେଶ ହଇରାଣ ହେଉଛନ୍ତି। ଏହାର ସମାଧାନ ଶୀଘ୍ର କରା ନ ଗଲେ ଚଳିତ ନିର୍ବାଚନକୁ ସାମୂହିକ ଭାବେ ବର୍ଜନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଭୋଟ ସମୟରେ ନେତା ମାନେ ପ୍ରଲୋଭିତ କରୁଛନ୍ତି। ହେଲେ ପ୍ରକୃତ ସମସ୍ୟା କେହି ସମାଧାନ କରୁ ନ ଥିବା ନାୟକ କହିଥିଲେ। ସେହିପରି ମହିଳା ବିରସମଣି ନାୟକ(୫୫) କହିଛନ୍ତି, ଭୋଟ ସମୟରେ ନେତାଙ୍କ ପାଦ ଏହି ବସ୍ତିରେ ପଡ଼ିଥାଏ। ହେଲେ ଘର ନ ଥିଲେ ଆମେ ଭୋଟ କ'ଣ ପାଇଁ କାହାକୁ ଦେବୁ। ଏବେ ଆମେ ପରିବାର ନେଇ କେଉଁ ଆଡେ ଯିବୁ , ତାହା ବୁଝା ପଡୁନି। ଏ ସମ୍ପର୍କରେ ସମସ୍ତେ ବିଧାୟକଙ୍କୁ ଅବଗତ କରାଇବୁ। କେହି ନ ଶୁଣିଲେ ଭୋଟ ଦେବୁ ନାହିଁ ବୋଲି ନାୟକ କହିଥିଲେ। ଅନୁରୂପ ଭାବେ ଅନ୍ୟ ଜଣେ ବସ୍ତିବାସିନ୍ଦା ଆକାଶ ତିର୍କୀ (୨୯ )କହିଛନ୍ତି, ଦୀର୍ଘ ଦିନ ରହିବା ପରେ ଘର ଭଙ୍ଗାଗଲା। ଆମ ପରିବାରକୁ ଥଇଥାନ କରାଯାଉ। ଅନ୍ୟତ୍ର ଜାଗା ପ୍ରଦାନ ସହିତ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉ। ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ ସୁନିଶ୍ଚିତ ବୋଲି ତିର୍କୀ କହିଥିଲେ। ସେହିପରି ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ଯୁବ ଭୋଟର ଆକାଶ ଲାଖୁଆ(୨୦) କହିଛନ୍ତି, ପାଠ ପଢ଼ିବା ସହ ଘରର ଆବଶ୍ୟକତା ରହିଛି। ଉଚ୍ଛେଦ ଯୋଗୁ ଆମ ପରିବାର ଖିନ୍‌ଭିନ୍ ହୋଇଯାଇଛି। ଏବେ ଭୋଟଦେବା ପୂର୍ବରୁ ଭାବିବାକୁ ପଡ଼ିବ। ନିର୍ବାଚନ ତାରିଖ ପୂର୍ବରୁ ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ ହେବ ବୋଲି ଲାଖୁଆ କହିଥିଲେ। ସୂଚନାଯୋଗ୍ୟ, ରାଉରକେଲା ବନବିଭାଗର ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ କ୍ଷେତ୍ର ମଧ୍ୟରେ ସେକ୍ଟର-୬ କିଛି ବସ୍ତି ସଂଲଗ୍ନ ରହିଛି। ଜଳସଂରକ୍ଷଣ ପାଇଁ ନିର୍ମିତ ବର୍ଷାତି ନାଳ ଉପରେ ଘର କରିଥିବା ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଆହୁରି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରଜରାଜନଗର,୧୭।୪(ବିଜୟ ବରାଡ଼)

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ନୂଆଡିହିଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗୋଲ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର, ବେଲପାହାଡ଼, ବାନ୍ଧବହାଲ ଆଦି ଅଞ୍ଚଳରୁ ଶତାଧିକ ବିଜୁ ପ୍ରେମୀ ଯୋଗଦାନ କରିଥିଲେ। ସଭାରେ କର୍ମୀମାନେ ଆଗାମୀ ନିର୍ବାଚନରେ ସଙ୍ଗଠିତ ହୋଇ କାର୍ଯ୍ୟ କରିବା ସହ ବିଜେଡି ପ୍ରାର୍ଥୀ ଅଳକା ମହାନ୍ତିଙ୍କୁ ଜିତାଇବା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ରଜରାଜନଗର ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଳର ବରିଷ୍ଠ ନେତା କୁଳମଣି ଦାସ, ଶମ୍ଭୁ ମହାନ୍ତି, ରବିରତ୍ନ ପ୍ରଧାନ, ବାବୁଲାଲ ରୁଙ୍ଗଟା, ଯାଜ୍ଞସେନୀ ଓରାମ, ପର୍ଶୁରାମ ସାହୁ, ଗଣେଶ ରାମ ବାଗ, ରାଜା ପାଢୀଯୋଶୀ ପ୍ରମୁଖ ସାମିଲ ହୋଇଥିଲେ।

# ବିଜୁବାବୁଙ୍କ ତିରୋଧାନ ଦିବସରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ

ରାଉରକେଲା,୧୭।୪(ସଙ୍ଗୀତା ଜେନା)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ବୁଧବାର ପାଳିତ ହୋଇଯାଇଛି। ରାଉରକେଲା ଓ ରଘୁନାଥପାଲୀ ବିଜେଡି ପକ୍ଷରୁ ଏହାକୁ ପାଳନ କରାଯାଇଥିଲା। ରାଉରକେଲା ବିଜେଡି ପକ୍ଷରୁ ଶ୍ରମମନ୍ତ୍ରୀ ସାରଦା ନାୟକଙ୍କ ନେତୃତ୍ୱରେ ଛେଣ୍ଡ କଳିଙ୍ଗବିହାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏହା ପାଳିତ ହୋଇଥିଲା। ପ୍ରଥମେ ସକାଳ ୭ଟାରେ ନଗର ସଭାପତି ଗଗନ ପଣ୍ଡାଙ୍କ ନେତୃତ୍ୱରେ ସୁଦାମ ଦାଶ, ଅନନ୍ତ ପାତ୍ର, ବିଭୂତି ପୁହାଣ, ଶ୍ୟାମସୁନ୍ଦର ପଣ୍ଡା ଓ ଅନ୍ୟ ମାନେ ବ୍ରାହ୍ମଣୀନଦୀ ହନୁମାନ ଘାଟ ଠାରେ ସ୍ୱର୍ଗୀୟ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲେ। ୯ଟାରେ ଛେଣ୍ଡ ସ୍ଥିତ ବିଜୁପଟ୍ଟନାୟକ ପ୍ରତିମୂର୍ତ୍ତୀ ନିକଟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମମନ୍ତ୍ରୀ ସାରଦା ନାୟକ ଉଦ୍‌ବୋଧନ ଦେଇ କହିଲେ, ବିଜୁବାବୁ ନିଜ ସମ୍ପତ୍ତିକୁ ବିକ୍ରୟ କରି ରାଜନୀତି କରୁଥିଲେ। ଓଡ଼ିଶାର ସାମୂହିକ ବିକାଶ, ମହିଳାଙ୍କ ସ୍ୱାବଲମ୍ବନ, ରାଜ୍ୟର ଅର୍ଥନୈତିକ ସୁଦୃଢ଼ତା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କଳକାରଖାନା ପ୍ରତିଷ୍ଠା ଆଦି ତାଙ୍କ ସ୍ୱପ୍ନ ଥିଲା। ଯାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚରିତାର୍ଥ କରୁଛନ୍ତି ବୋଲି ନାୟକ କହିଥିଲେ। ମହିଳା ଉପସଭାନେତ୍ରୀ ରଶ୍ମିବାଳା ମିଶ୍ର, ପ୍ରାକ୍ତନ ଜିଲା ସଭାପତି ଆନନ୍ଦ ମହାନ୍ତି, ବିଜୁ ଆଇନ ସାମ୍ମୁଖ୍ୟର ଉପସଭାପତି ସନ୍ତୋଷ ନାୟକ, ମୁଖପାତ୍ର ଜୟନ୍ତ ମିଶ୍ର, ଛାତ୍ର ସଭାପତି ରାଣାପ୍ରତାପ ସିଂ, ମହିଳା ସଭାନେତ୍ରୀ ଜ୍ୟୋସ୍ନା ନାୟକ, ବରିଷ୍ଠ ନେତା ଅଭୟ ଦାସ, ସୁରେନ୍ଦ୍ର ରାଉତ, ଆଲୋକ ବୋଷ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତିସଭା ପରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସତ୍ୟନାରାୟଣ ମହାପାତ୍ର, ଅନୁପମ ରାୟ, ଶ୍ରୀଚରଣ ମହାନ୍ତି, ସରୋଜଦାସ, ପୀତବାସ କାଣ୍ଡି, ସୁବାସ ସ୍ୱାଇଁ, ବୁଲୁ ମହାନ୍ତି, ରଞ୍ଜନ ନାୟକ, ଦୁଷ୍ମନ୍ତ ରାଉତରାୟ, ଡି ଅଭିକ କୁମାର ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ଦଳର କର୍ମକର୍ତ୍ତା ଏକଜୁଟ ହୋଇ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଧାୟକ ସୁବ୍ରତ ତରାଇ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଲେ, ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ପରେ ଦଳପକ୍ଷରୁ ସଞ୍ଜୀବ ସ୍ୱାଇଁଙ୍କ ନେତୃତ୍ୱରେ ସେକ୍ଟର-୨୦ କୋଇଲି ବୈକୁଣ୍ଠ ଘାଟ ଠାରେ ତିଳତର୍ପଣ କରାଯାଇଥିଲା। ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧା ଓ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ସୁଧୀର ସୁନ୍ଦର ରାୟ, ନଗର ସଭାପତି ଆର୍ତ୍ତ ମହାରଣା, ପ୍ରଫୁଲ୍ଲ ସୁନାନୀ, ଗନ୍ଧର୍ବ ମହାନ୍ତି, ଗଣେଶ୍ୱର ରାୟ, ମୀନତି ବିଶ୍ୱାଳ, ଗାୟତ୍ରୀ ରାଉତ, ପ୍ରଭାକର ଚୌଧୁରୀ ସମେତ ଶତାଧିକ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମ ମନ୍ତ୍ରୀ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଗଛରେ ପିଟି ହେଲା ବାଇକ୍, ଜଣେ ମୃତ

ବଡ଼ଗାଁ,୧୭।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରଗଡବାହାଲ ଗ୍ରାମର ଜଣେ ବ୍ୟକ୍ତି ବାଇକରେ ଘରକୁ ଫେରୁଥିବାବେଳେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହେବାରୁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କମଲ ଜୟପୁରିୟ (୫୨)। ସୂଚନା ଅନୁଯାୟୀ, ବାଇବାଇ ସ୍ଥିତ କାରଖାନାରେ କାମ କରୁଥିବା କମଲ ମଙ୍ଗଳବାର ଅପରାହ୍ନରେ ତାଙ୍କ ସାଙ୍ଗଙ୍କୁ ସାହାଜବାହାଲ ଗ୍ରାମକୁ ଛାଡ଼ିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଉଦାରମା ଜଙ୍ଗଲ ରାସ୍ତା ପାର୍ଶ୍ୱ ଗଛରେ ନିୟନ୍ତ୍ରଣ ହରାଇ ପିଟି ହେବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା।

### ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ଝାରସୁଗୁଡା, ୧୭।୪ (ସଞ୍ଜୟ ମାଲି): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ବିଜେଡି ତରଫରୁ ବଡ଼ମାଳସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିଧାୟିକା ପ୍ରାର୍ଥୀ ଦୀପାଳି ଦାସଙ୍କ ସମେତ ଝାରସୁଗୁଡ଼ା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡ଼ିଆ, ଜିଲା ସଭାପତି ରବି ସିଂ, ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ତାପସ ରାୟ ଚୌଧୁରୀ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ହରିଶ ଗନତ୍ରା, ସନ୍ଦିପ ଅବସ୍ଥି, ଆଇନଜୀବୀ ରଘୁମଣୀ ପଟେଲ, ମଦନ ହାତୀ, ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦ୍ୱାଦଶ ଦୀପ କଳସ ମହାଯଜ୍ଞ ସମାପନ

ଝାରସୁଗୁଡ଼ା,୧୭।୪(ସଞ୍ଜୟ ମାଲି)- ରାଧାକୃଷ୍ଣ ଉନ୍ନୟନ ପରିଷଦ ସଂଯୋଜନାରେ ଖଲିଆକାନୀ ନାମଯଜ୍ଞ ମଣ୍ଡପରେ ନାମ ସଂକୀର୍ତ୍ତନ ଓ ଦ୍ୱାଦଶ ଦୀପ କଳସ ମହାଯଜ୍ଞ ସମାପନ ହୋଇଯାଇଛି। ମହାଯଜ୍ଞର ପରିଚାଳନା ଭାର ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାଏକ, ସଭାପତି କ୍ଷୀରୋଦ ପ୍ରଧାନ, ସମ୍ପାଦକ ଲରେନ୍ସ ପ୍ରଧାନ ପ୍ରମୁଖ ତୁଲାଇଥିଲେ। ଖଲିଆକାନୀର କୁରେମୁଣ୍ଡା ପୋଖରୀରୁ ଭକ୍ତମାନେ କଳସ ଯାତ୍ରାରେ ଆସି ମୁଖ୍ୟ ମଣ୍ଡପରେ ସ୍ଥାପନ କରିଥିଲେ। ତ୍ରୟୋଦଶ ମହାଯଜ୍ଞ ନିର୍ମାଣାଧୀନ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହେବ ବୋଲି ପରିଷଦର ମୁଖ୍ୟ ସଂଯୋଜକ ନାଏକ ଜଣାଇଛନ୍ତି।


ରାମ ନବମୀ ଅବସରେ ବେସଧାରୀ ୨ ଯୁବକ ଆଖଡା ପ୍ରଦର୍ଶନ କରୁଛନ୍ତି।

# ଲହୁଣୀପଡ଼ାରେ ରାମନବମୀ

ଲହୁଣୀପଡା,୧୭।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡାଠାରେ ରାମ ନବମୀ ପର୍ବ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା ବସ୍‌ଷ୍ଟାଣ୍ଡ ସ୍ଥିତ ଶିବ ମନ୍ଦିରଠାରେ ବଜରଙ୍ଗ ଆଖଡା ତରଫରୁ ପୂଜାର୍ଚ୍ଚନା କରିବା ସହିତ ଝଣ୍ଡା ସ୍ଥାପନ, ସାମୂହିକ ହନୁମାନ ଚାଳିସା ପଠନ କରିବା ପରେ ଶତାଧିକ ବାଇକ୍ ଶୋଭାଯାତ୍ରା ବାହାରି ଲହୁଣୀପଡା ସହର ପରିକ୍ରମା କରିବା ସହିତ ରାଜାମୁଣ୍ଡା ବାଇପାସ ଓ ରାଜାମୁଣ୍ଡା ଛକ ପରିକ୍ରମା କରିଥିଲା। ଏଥିସହ ଅନ୍ନ ପ୍ରସାଦ ସେବନ କରାଯାଇଥିଲା। ସହିଭଳି ଲହୁଣୀପଡା ବ୍ରାହ୍ମଣ ସାହି ସ୍ଥିତ ଶ୍ରୀରାମ ଆଖାଡା ତରଫରୁ ପୂଜାର୍ଚ୍ଚନା ହୋମ ଯଜ୍ଞ କରାଯାଇ ଝଣ୍ଡା ସ୍ଥାପନା କରାଯାଇଥିଲା। ଅପରାହ୍ନରେ ଶ୍ରୀରାମ ଆଖଡା ଦଳ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ଝଣ୍ଡା ଧରି ବ୍ରାହ୍ମଣ ସାହିରୁ ଶୋଭାଯାତ୍ରାରେ ବାହାରି ମନ୍ଦିର ଛକରେ ପହଞ୍ଚିବା ପରେ ବଜରଙ୍ଗ ଆଖାଡା ଦଳ ସହିତ ବସଷ୍ଟାଣ୍ଡ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ମିଳିତ ଆଖାଡା ବିଭିନ୍ନ ଖେଳ କୌଶଳ ପ୍ରଦର୍ଶନ ଓ ଶୋଭାଯାତ୍ରା କରିବା ସହିତ ସୁସଜିତ ଗାଡ଼ିରେ ଶ୍ରୀରାମ ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହା ଜୟ ଶ୍ରୀରାମ ଆଖାଡା ଓ ବଜରଙ୍ଗ ଆଖାଡା ଦଳର କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ପୂର୍ବତନ ସରପଞ୍ଚଙ୍କ ବିୟୋଗ

ବଡ଼ଗାଁ,୧୭।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିର୍ସୁ ଗ୍ରାମର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କର୍ମୀ ତଥା ପୂର୍ବତନ ଫୁଲବାରୀ ସରପଞ୍ଚ ଫକିର ମାଝିଙ୍କ ବୁଧବାର ମଧ୍ୟାହ୍ନରେ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବ୍ରେନ ଷ୍ଟ୍ରୋକ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ଠାରୁ ଜଣାପଡିଛି।

# କଂଗ୍ରେସ ବିଧାୟିକା ପ୍ରାର୍ଥୀ ସୁଧାରାଣୀଙ୍କ ଜୋରଦାର ପ୍ରଚାର

ହେମଗିର,୧୭।୪ (ଚୈତନ୍ୟ ପଟେଲ)

ନିର୍ବାଚନରେ ବାଜିମାତ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ଯୋରଦାର ପ୍ରଚାର ଚାଲିଛି। ତେବେ ହେମଗିର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆକୁ କଂଗ୍ରେସ ଏଥର ପ୍ରାର୍ଥୀ କରିଥିବା ବେଳେ ସେ ଏବେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ସେ ଗାଁ ଗାଁ ବୁଲି ଭୋଟ ପ୍ରଚାର କରିବା ସହିତ ଅଞ୍ଚଳର ଜନସାଧାରଣଙ୍କ ସହିତ ସାକ୍ଷାତ କରି ଭୋଟ ଭିକ୍ଷା କରଛନ୍ତି। ଏହି ଅବସରରେ ହେମଗିର, କନିକା, ଟାଙ୍ଗରପାଲି, ଲେଫ୍ରିପଡ଼ା ଆଦି ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲି ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ତେବେ ନିର୍ବାଚନରେ ସୁଧାରାଣୀ ବିଜେଡି ଓ ଭାଜପାକୁ କଡା ଟକ୍କର ଦେବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।



# ରାମଜୀ ମନ୍ଦିରରେ ରାମନବମୀ ମହୋତ୍ସବ

ସୁନ୍ଦରଗଡ,୧୭।୪(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ରାମଜୀ ମନ୍ଦିରରେ ବୁଧବାର ଠାରୁ ରାମ ନବମୀ ମହୋତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାମ ନବମୀ ଦିନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ଓ ରାମାୟଣ ପାଠ କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଜୀଉମାନଙ୍କ ଦର୍ଶନ ଲାଭ କରିଥିଲେ। ସନ୍ଧ୍ୟାରେ 'ସୁର' ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ବେଣୁମାଧବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ପୂଜାରୀ, ବିଶ୍ୱଜିତ ପୂଜାରୀ, ଅମିତ ପୂଜାରୀଙ୍କ ଦ୍ୱାରା ମନ୍ଦିରର ସମସ୍ତ ନୀତିକାନ୍ତି ପରିଚାଳିତ ହୋଇଥିଲା। ଗୁରୁବାରଠାରୁ ୨୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ରାମକଥା ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ରାମଜୀ ମନ୍ଦିରରେ ରାମନବମୀ ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି।

# ସୁନ୍ଦରଗଡ଼ରେ ୫୭୭ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୧୭।୪(ଜୟ ନାରାୟଣ ମେଣ୍ଡୁଲି)

ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ପୋଲିଂ ଅଧିକାରୀଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ତଳସରା ବିଧାନସଭା ମଣ୍ଡଳୀ ପାଇଁ ନିୟୋଜିତ ହୋଇଥିବା ୫୭୭ ଜଣ ପୋଲିଂ ଅଧିକାରୀ ଯୋଗ ଦେଇଥିଲେ। ଗତ ମାସରେ ପୋଲିଂ ଅଧିକାରୀମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ସେହି ପ୍ରଶିକ୍ଷଣରେ ବିଭିନ୍ନ କାରଣବଶତଃ ଅନୁପସ୍ଥିତ ଥିବା ଅଧିକାରୀ ଏବଂ ନୂତନ ଭାବେ ଚୟନ ହୋଇଥିବା ପୋଲିଂ ଅଧିକାରୀମାନଙ୍କୁ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ତିନୋଟି ନିର୍ବାଚନମଣ୍ଡଳୀ ନିମନ୍ତେ ନିୟୋଜିତ ହୋଇଥିବା ମାଷ୍ଟର ଟ୍ରେନର ମାନେ ନିର୍ବାଚନ ପ୍ରକ୍ରିୟାରେ କିଭଳି ଭାବେ ପୋଲିଂ ଅଧିକାରୀମାନେ କାର୍ଯ୍ୟ କରିବେ ସେ ନେଇ ତାଲିମ ପ୍ରଦାନ କରିଥିଲେ। ବିଶେଷ କରି କିଭଳି ତ୍ରୁଟିଶୂନ୍ୟ ଭାବେ ନିର୍ବାଚନ କରାଯିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା।

ସେହିଭଳି ମତଦାନ କେନ୍ଦ୍ରରେ ପ୍ରିଜାଇଡିଂ ଅଧିକାରୀଙ୍କ କାର୍ଯ୍ୟ କ'ଣ ରହିବ, ପ୍ରଥମ ପୋଲିଂ ଅଧିକାରୀଙ୍କଠାରୁ ଆରମ୍ଭ କରି ପଞ୍ଚମ ପୋଲିଂ ଅଧିକାରୀଙ୍କ କାର୍ଯ୍ୟ କ'ଣ ରହିବ, ଇ.ଭି.ଏମ. ଓ ଭିଭିପିଏଟି ମେଶିନର ବ୍ୟବହାର କିଭଳି ହେବ ତାହା ମଡେଲ ବୁଥ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଡ଼ା ପରାଗ ଗଭାଲି ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିରର ନିରୀକ୍ଷଣ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ତଥା ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଧିକାରୀ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ ତଥା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ମାଝୀ ,ସଦର ଉପଜିଲାପାଳ ତଥା ତଳସରା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଦାଶରଥି ସରାବୁ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତଦାରଖ କରିଥିଲେ।



ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ଧଣ୍ଡାମୁଣ୍ଡା, କୁଲୁଡା ପଡ଼ାରେ ଶ୍ରୀରାମ ନବମୀ, ରାମଲୀଳା ମଞ୍ଚସ୍ଥ**

**ଖପ୍ରାଖୋଲ,(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଓ କପସିପାଲି କୁଲୁଡାପଡ଼ା ଠାରେ ଶ୍ରୀରାମ ନବମୀ ଉତ୍ସବ ବୁଧବାର ପାଳିତ ହୋଇଛି । ଏହି ଅବସରରେ ଉଭୟ ଗାଁ ରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହା ସହ ଶ୍ରୀରାମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ରାମ ଲୀଳା ମଞ୍ଚସ୍ଥ ହୋଇଥିଲା ।



# ଦାଦନଗଡ଼ରେ ନବୀନ, ସାଲୁଜା, ଲକ୍ଷ୍ମଣ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ


ବିଧାୟକ ସନ୍ତୋଷ ସିଂ ସାଲୁଜା, କଣ୍ଟାବାଞ୍ଜି


ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ, କଣ୍ଟାବାଞ୍ଜି


ନରସିଂହ ମିଶ୍ର, ବିଧାୟକ ବଲାଙ୍ଗୀର


କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ବିଧାୟକ ପାଟଣାଗଡ

**ବଲାଙ୍ଗୀର,୧୭।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ଘୋଷଣା ହୋଇଛି। କଂଗ୍ରେସରୁ ବରିଷ୍ଠ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା, ଭାଜପାରୁ ବରିଷ୍ଠ ସଙ୍ଗଠକ ଲକ୍ଷ୍ମଣ ବାଗଙ୍କୁ ପ୍ରାର୍ଥୀ ଭାବେ ପୂର୍ବରୁ ଘୋଷଣା ସରିଛି। ଆଉ କିଛି ଅଦଳ ବଦଳ ନ ହେଲେ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, କଂଗ୍ରେର ବିଧାୟକ ସାଲୁଜା ଓ ଭାଜପା ପ୍ରାର୍ଥୀ ବାଗଙ୍କ ଲଢ଼େଇ ହେବ। ମୁଖ୍ୟମନ୍ତ୍ରୀ ନିଜେ ଏଇ ଆସନରୁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା ହେବା ପରେ କଣ୍ଟାବାଞ୍ଜି ଆସନର ଗୁରୁତ୍ୱ ବଢ଼ିଯାଇଛି। ଏହାସହିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ଏବଂ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କ ଉପରେ ଏବେ ସାରା ଓଡିଶାର ନଜର କେନ୍ଦ୍ରିତ ହୋଇଛି। କଣ୍ଟାବାଞ୍ଜି ଆସନକୁ ମୁଖ୍ୟମନ୍ତ୍ରୀ କାହିଁକି ବାଛିଲେ ତାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

୨୦୧୯ ନିର୍ବାଚନରେ ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନରୁ ବିଜେଡି ଦୁଇଟି, କଂଗ୍ରେସ ଦୁଇଟି ଏବଂ ଭାଜପା ଗୋଟିଏ ଆସନ ଅକ୍ତିଆର କରିଥିଲେ। ଏହା ସହିତ ଭାଜପା ବଲାଙ୍ଗୀର ଲୋକସଭା ଆସନ ମଧ୍ୟ ଅକ୍ତିଆର କରିଥିଲା। ୨୦୧୯ ନିର୍ବାଚନ ଫଳାଫଳକୁ ଦେଖିଲେ ବଲାଙ୍ଗୀର ଜିଲାରେ ବିଜେଡିର ଦୁର୍ବଳ ସଙ୍ଗଠନ ପଦାରେ ପଡିଥିଲା। ବିଜେଡି ଏଠାରେ ଲୋକସଭା ଆସନ ସହ ବଲାଙ୍ଗୀର, ଲୋଇସିଂହା ଓ କଣ୍ଟାବାଞ୍ଜି ବିଧାନସଭା ଆସନ ହରାଇଥିଲା। କେବଳ ଟିଟିଲାଗଡ ଏବଂ ପାଟଣାଗଡରୁ ବିଜେଡି ପ୍ରାର୍ଥୀ ଜିତିଥିଲେ। ଏଭଳି ସ୍ଥିତିରେ ୨୦୨୪ ନିର୍ବାଚନରେ ବଲାଙ୍ଗୀର ଜିଲାରେ ବିଜେଡି ପ୍ରାର୍ଥୀମାନଙ୍କ ପ୍ରଦର୍ଶନ ସଂଘର୍ଷପୂର୍ଣ୍ଣ ମନେ ହେଉଛି। ଜିଲାର ୫ଟି ଆସନରୁ କୌଣସି ଗୋଟିଏ ଆସନରେ ମଧ୍ୟ ବିଜେଡି ପ୍ରାର୍ଥୀଙ୍କ ଏକତରଫା ବିଜୟ ଭଳି ସ୍ଥିତି ନାହିଁ। ଏଭଳି ସ୍ଥିତିରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଜେଡି ପ୍ରାର୍ଥୀଙ୍କ କଡା ଟକ୍କର ଦେବା ଭଳି ସ୍ଥିତି ରହିଛି। ପଡୋଶୀ ନୂଆପଡା, କଳାହାଣ୍ଡି ଓ ବରଗଡ ଜିଲାରେ ମଧ୍ୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ଠାରୁ ବିଜେଡି ପ୍ରାର୍ଥୀମାନେ କଡା ମୁକାବିଲାର ସମ୍ମୁଖୀନ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଦଳୀୟ ପ୍ରାର୍ଥୀଙ୍କ ଏଭଳି ସ୍ଥିତିକୁ ଦେଖି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ଆସନରୁ ଲଢ଼େଇ ପାଇଁ ପ୍ରାର୍ଥୀ ହୋଇ ବିରୋଧୀଙ୍କ ଉପରେ ମନୋବୈଜ୍ଞାନିକ ଚାପ ସୃଷ୍ଟି କରିଛନ୍ତି। କଣ୍ଟାବାଞ୍ଜି ଆସନରୁ ଲଢ଼େଇ କଲେ ଆଖପାଖ ନିର୍ବାଚନ ମଣ୍ଡଳୀ ସହ ସମଗ୍ର ପଶ୍ଚିମ ଓଡିଶାରେ ପ୍ରଭାବ ପଡିବ ଏବଂ ବିଜେଡି ପ୍ରାର୍ଥୀ ଲାଭବାନ ହେବେ ବୋଲି ଆଶା କରିଛନ୍ତି। ଏହି ରଣନୀତି କାମ କରିବା ନାହିଁ ବୋଲି ବିରୋଧୀ କହିଛନ୍ତି। କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ, ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁ ଆଉ ଥରେ ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ପ୍ରତାରଣା କରିବେ। ୨୦୧୯ ନିର୍ବାଚନରେ ବରଗଡ ଜିଲାର ବିଜେପୁରରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପରେ ସେ ବିଜେପୁର ଆସନ ଛାଡିଦେଲେ। ଏବେ କଣ୍ଟାବାଞ୍ଜିରୁ ଲଢ଼ିବାକୁ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନ ପରେ ଏଇ ଆସନ ଛାଡିବେ ନା ରଖିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ନେତା କନକ ବର୍ଦ୍ଧନ କହିଛନ୍ତି ଯେ, ନବୀନ ବାବୁ କଣ୍ଟାବଞ୍ଜି ଆସନରୁ ଲଢ଼ିଲେ ବି କିଛି ଫରକ ପଡିବନାହିଁ। ଲୋକେ ତାଙ୍କୁ ଉଚିତ୍ ଜବାବ ଦେବେ ଓ ସେ ପରାଜିତ ହେବେ ବୋଲି କହିଛନ୍ତି। ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ କହିଛନ୍ତି ଯେ, ନବୀନ ବାବୁ ପ୍ରାର୍ଥୀ ହେଲେ ମଧ୍ୟ କଣ୍ଟାବାଞ୍ଜିର ଜନସାଧାରଣ ତାଙ୍କୁ ଉଚିତ ଜବାବ ଦେବେ ଓ ଭାଜପା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବେ। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବିଜେଡିରେ ପ୍ରାର୍ଥୀ ନ ମିଳିବାରୁ ଓ ଯିଏ ପ୍ରାର୍ଥୀ ହେବେ ସେ ହାରିଯିବା ଭୟ ଥିବାରୁ ମୁଖ୍ୟମନ୍ତ୍ରୀ ନିଜେ ପ୍ରାର୍ଥୀ ହେଲେ। ଆଗାମୀ ଦିନରେ ସ୍ୱାଭିମାନୀ ଭୋଟର ଏହାର ଜବାବ ଦେବେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଆସନରୁ ପ୍ରାର୍ଥୀ ହେବା ପରେ ବିଜେଡି ଶିବିର ଉତ୍ସାହିତ ହୋଇପଡିଛି।

**କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ**

- କଡା ପ୍ରତିକ୍ରିୟା ରଖିଲେ ନରସିଂହ, କନକ, ଲକ୍ଷ୍ମଣ
- ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ବିଜେଡି ଦୁର୍ବଳ ଜିଲାକୁ ଦେବ ବଳ
- ବିଜେଡି ଶିବିରରେ ଉତ୍ସାହର ମାହୋଲ

# ରାମନବମୀ ପାଇଁ ଦେଓଗାଁ ଅଞ୍ଚଳ ଉତ୍ସବମୁଖର

**ଦେଓଗାଁ,୧୭।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)**


ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମାରେ ବାହାରିଛନ୍ତି।

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବ୍ଲକ ଅଞ୍ଚଳ ପବିତ୍ର ରାମନବମୀ ପାଇଁ ଉତ୍ସବ ମୁଖର ହୋଇଛି । ଏହି ଦିନ ଗାଁ ମାନଙ୍କ ରାମ ମନ୍ଦିର, ଜଗନ୍ନାଥ ମନ୍ଦିର ତଥା ରାଧାକୃଷ୍ଣ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ରାମଲୀଳା ନାଟ୍ୟୋତ୍ସବ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଦେଓଗାଁ କଛାରପାଲି ଓ ଚନ୍ଦ୍ରପୁରରେ ୧୪ଦିନ ହେବାକୁ ଥିବା ରାମଲୀଳା ପାଇଁ ମଧ୍ୟ ପ୍ରସ୍ତୁତି ସରିଛି । ଦେଓଗାଁ ଓ ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ରାମନବମୀ ଉତ୍ସାହର ସହ ପାଳିତ ହୋଇଥିବା ବେଳେ ଶିଶୁ ଭାଇଭଉଣୀ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଦେଓଗାଁରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ତତ୍ତ୍ୱାବଧାନରେ ଶ୍ରୀରାମ ରଥ ସହ ଶିଶୁ ଭଉଣୀ ଭାଇମାନେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତୃଘ୍ନ, ହନୁମାନ, ବିଷ୍ଣୁ, ଲକ୍ଷ୍ମୀ ଆଦି ବିଭିନ୍ନ ବେଶରେ ସଜ୍ଜିତ ହୋଇ ଗ୍ରାମରେ ଶୋଭାଯାତ୍ରାରେ ବାହାରିଥିଲେ। ଦୁର୍ଗାମଣ୍ଡପ ଛକ, ଜଗନ୍ନାଥ ମନ୍ଦିର ପରିସର ଓ ଗ୍ରାଜୁଏଟପଡା ଠାରେ ଶିଶୁମାନେ ରାମଲୀଳା ନାଟ୍ୟାଭିନୟ ପରିବେଷଣ କରିଥିଲେ। ସେହିପରି ଜରାସିଂହା ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲୋକନାଥ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶାନ୍ତନୁ ପୁରୋହିତ ଓ ଆଚାର୍ଯ୍ୟ ଯାଦବ ଲୋଚନ ଭୋଇ ଯୋଗଦେଇ ଶ୍ରୀରାମଙ୍କ ଆଦର୍ଶତା ତଥା ମହିମା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ଗୁରୁମା ନିବେଦିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ଭଉଣୀ ଭାଇଙ୍କୁ ନେଇ ଗାଁରେ ଶୋଭାଯାତ୍ରା ହୋଇଥିଲା ।


ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସମ୍ମୁଖରେ ରାମନବମୀ ଉପଲକ୍ଷେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ତରଫରୁ ରାଜପଥ ଯାତ୍ରୀଙ୍କୁ ଦହିପାଣି ବଣ୍ଟନ କରାଯାଉଛି। (ଫଟୋ: ସୁଶାନ୍ତ ବାରିକ)

# ଢୁଷୁରାରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଗୁଡଭେଲା,୧୭।୪ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଢୁଷୁରା ସହର ସ୍ମାର୍ଟ ପାର୍କଠାରେ ବୁଧବାର ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଜେଡି ପକ୍ଷରୁ ସ୍ଥାନୀୟ ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାଅର୍ଚ୍ଚନା ପରେ ବିଜୁ ପ୍ରେମୀମାନେ ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ମାର୍ଟପାର୍କକୁ ପହଞ୍ଚିଥିଲେ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବିଜୁବାବୁଙ୍କ ଜୀବନୀ ଉପରେ ଉପସ୍ଥିତ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଟିଟିଲାଗଡ଼ ବିଜେଡି ସଭାପତି ରଣଜିତ ପୃଷ୍ଟି, ଜିଲାପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, ଗୁଡଭେଲା ବିଜେଡି ପର୍ଯ୍ୟବେକ୍ଷକ ଅଶୋକ ଜେନା, ଢୁଷୁରା ଏନଏସି ପର୍ଯ୍ୟବେକ୍ଷକ ଚିରାଗ ସିଂଦେଓ, ବିଜେଡିର ଗୁଡଭେଲା ବ୍ଲକ ସଭାପତି ଅରୁଣ ପ୍ରଧାନ, ବିଜେଡିର ଢୁଷୁରା ଏନଏସିର ସଭାପତି କମଳ କିଶୋର ଜୈନ, ସମରା ଗ୍ରାମପଞ୍ଚାୟତ ସରପଞ୍ଚ ଗୋପାଳ ସେଠ, ରାଜା ବଗର୍ତ୍ତି, ଜ୍ୟୋତି ମହାପାତ୍ର, ରାମଶଙ୍କର ବାଗ, ରତନ ଜୈନ ଆଦି ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ: ୩ ଗିରଫ


ଲୋଇସିଂହା ପୋଲିସ ଦ୍ୱାରା ଗିରଫ ହୋଇଥିବା ୩ ଡକାୟତ।

**ଲୋଇସିଂହା,୧୭।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ଅଞ୍ଚଳରେ ୫ ଜଣିଆ ଡକାୟତି ଗ୍ୟାଙ୍ଗର ଡକାୟତି ଯୋଜନାକୁ ପଣ୍ଡ କରିଛି ଲୋଇସିଂହା ପୋଲିସ । ପୋଲିସକୁ ଦେଖି ଘଟଣାସ୍ଥଳରୁ ୨ ଜଣ ଫେରାର ହୋଇଥିବାବେଳେ ୩ ଜଣଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ବରଗଡ ଜିଲା ବରପାଲି ଧୋବାପଡାର ବବଲୁ ସେଠ ଓରଫ ଶୋଭିତ, ବରପାଲି ଥାନା ଅନ୍ତର୍ଗତ ରେମତା ଗ୍ରାମର ଆକଶ ନାଗ, ସମ୍ବଲପୁର ଦଲେଇପଡାର ଫାଇସଲ ଖାନ। ସେମାନେ ବ୍ୟବହାର କରୁଥିବା ଗୋଟିଏ ବାଇକ ଜେଏଚ୍ ୦୫ ୯୯୧୧, ଗୋଟିଏ ଟର୍ଚ୍ଚ ଲାଇଟ,ଏକ ଲାଠି, ଲୁହାରଡ ୨ଟି ଛୁରୀକୁ ଜବତ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଗିରଫ ୩ ଅଭିଯୁକ୍ତଙ୍କୁ ବଲାଙ୍ଗୀର କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏନେଇ ଦଫା ୩୯୯/୪୦୨ ଆଇପିସିରେ ଥାନା କେସ(ନଂ ୧୩୮।୨୪)ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଯାଜ୍ଞସିନୀ ନାଏକ ଜଣାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବଲାଙ୍ଗୀର–ବରଗଡ ୨୬ନଂ. ଜାତୀୟ ରାଜପଥ ରୁଗୁଡିଖାଲରେ କେତେକ ଢାବା ରହିଛି । ଏହି ଅଞ୍ଚଳରେ ରାତି ବେଳା ବହୁ ଟ୍ରକ ଛିଡା ହୋଇଥାଏ । ୫ ଜଣିଆ ଡକାୟତ ଗ୍ୟାଙ୍ଗ ଟ୍ରକଗୁଡିକୁ ଲୁଟ ପାଇଁ ରୁଗୁଡିଖାଲ ସାପ୍ତାହିକ ବଜାରରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲୋଇସିଂହା ଥାନା ରାତ୍ରିକାଳୀନ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚିଥିଲେ। ୩ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିବାବେଳେ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

# ଖୁସି ମନାଇଲେ ବିଜେଡି କର୍ମୀ


ଆୟୁବ ଖାନ୍ କର୍ମୀଙ୍କ ସହିତ ଖୁସି ମନାଉଛନ୍ତି।


ନିରୁପମା ମାଝି କର୍ମୀଙ୍କ ସହ ଖୁସି ମନାଉଛନ୍ତି।

**ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଘୋଷଣା ପରେ କଣ୍ଟାବାଞ୍ଜି ବିଜେଡି କର୍ମୀ ଖୁସି ମନାଇଲେ**

**କଣ୍ଟାବାଞ୍ଜି,୧୭।୪(ଗୁରୁଦୟାଲ ହଂସ)**

ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ଟିକେଟକୁ ନେଇ ରହିଥିବା ଦ୍ୱନ୍ଦ ବୁଧବାର ଅନ୍ତ ଘଟିଛି। ସମସ୍ତ କଳ୍ପନାଜଳ୍ପନା ଫେଲ୍ ମାରିଛି। ଖୋଦ୍ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ନିଜେ ପ୍ରାର୍ଥି ହେବା ଘୋଷଣା କରିଛନ୍ତି। କଣ୍ଟାବାଞ୍ଜି ଟିକେଟକୁ ନେଇ ଉଭୟ ପୂର୍ବତନ ବିଧାୟକ ଅୟୁବ ଖାନ, ଗତ ନିର୍ବାଚନୀରେ ବିଜେଡି ପରାଜିତ ପ୍ରାର୍ଥି ଅଜୟ ଦାଶ ଏବଂ ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝି ଟିକେଟ ପାଇଁ ଆଶାୟୀ ଥିଲେ। ଏପରିକି ଦଳ ପାଇଁ ସଙ୍ଗଠନ କରିବା ସହିତ ସମସ୍ତ ଯୋଜନାକୁ ଗ୍ରାମାଭିମୁଖି କରିବା ନେଇ ସଭାସମିତିରେ ପ୍ରଚାର ପ୍ରସାର କରୁଥିଲେ । ହେଲେ ବୁଧବାର ତାର ଅନ୍ତ ଘଟିଛି। ମୁଖ୍ୟମନ୍ତ୍ରୀ ପ୍ରାର୍ଥି ହେବା ଘୋଷଣା ପରେ କଣ୍ଟାବାଞ୍ଜି ବିଜେଡି କର୍ମୀ ଖୁସି ମନାଇଥିଲେ। ସ୍ଥାନୀୟ ଇନ୍ଦିରା ଛକରେ ବିଜେଡି କର୍ମୀଙ୍କ ଏକ ବିରାଟ ସମାବେଶ ଦେଖିବାକୁ ମିଳିଥିଲା। ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ସମର୍ଥକ, ନିରୁପମା ମାଝି ଓ ଗିରିରାଜ ସିଂ ମାଝିଙ୍କ ପୃଥକ ପୃଥକ ସମର୍ଥକ ଶହଶହ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ଏପରିକି ପାଟଣାଗଡ଼ ବିଧାୟକ ସରୋଜ ମେହେର ମଧ୍ୟ କଣ୍ଟାବାଞ୍ଜିରେ ପହଞ୍ଚିଥିଲେ। ଇନ୍ଦିରା ଛକ ନିକଟରେ ବିଜେଡି କର୍ମୀ ସହିତ ସାମିଲ ହୋଇ ପରେ ସ୍ଥାନୀୟ ଡାକ୍ତରଖାନାସ୍ଥିତ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଚାଲିଥିବା ରକ୍ତଦାନ ଶିବିରରେ ଯୋଗଦାନ କରିଥିଲେ। ହେଲେ ବିଜେଡିର ଗତ ୨୦୧୯ ନିର୍ବାଚନୀର ବିଧାୟକ ପ୍ରାର୍ଥି ତଥା ବିଜେଡି ଆଶାୟୀ ପ୍ରାର୍ଥୀ ଅଜୟ ଦାଶଙ୍କ ସମର୍ଥକଙ୍କ ଦେଖା ନ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହେବା ଘୋଷଣା ହେଲା ପରେ ବିଜେଡି କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା। ସହରରେ ବାଣ ଫଟକା ଫଟାଇ ବିଜେଡି କର୍ମୀମାନେ ନାରାବାଜି କରିଥିଲେ। ସେହିପରି ଟିଟିଲାଗଡ ସହରରେ ମଧ୍ୟ ବିଜେଡି କର୍ମୀମାନେ ବାଣ ଫୁଟାଇ ମୁଖ୍ୟମନ୍ତ୍ରୀଙ୍କ କଣ୍ଟାବାଞ୍ଜିରୁ ପ୍ରାର୍ଥିତ୍ୱକୁ ସ୍ୱାଗତ କରି ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଟିଟିଲାଗଡରେ ଜିଲା ପରିଷଦ ସଭ୍ୟା ଗୀତା ବିଶି, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଉମାଦେବି ଅଗ୍ରୱାଲ, ପୁଶୁ ଜୈନ, ଦିଲ୍ଲିପ ବାଗ, ରାଜେଶ ପ୍ରଧାନ, ରାକେଶ ପ୍ରଧାନ, ଜଗଦୀଶ ମହାଲିଙ୍ଗ,ଅରୁଣ ବାଗ, ରୁଟୁ ବାଗ ପ୍ରମୁଖ ସାମିଲ ଥିଲେ। ସେହିପରି କଣ୍ଟାବାଞ୍ଜିରେ ଦେବାର ବାରିକ, ଶ୍ରୀଧର ମାଝି, ଗିରିରାଜ ମାଝି, ଅଜିତ ଯୋଷୀ, ଯୁଧିଷ୍ଠିର ପୁଟେଲ, ରାଧେଶ୍ୟାମ କେତକି, ଅମଜଦ ଖାନ ସହ ଶତାଧିକ ବିଜେଡି କର୍ମୀ ସାମିଲ ଥିଲେ। କଣ୍ଟାବାଞ୍ଜିରେ ବିଜେଡିର ପୂର୍ବତନ ବିଧାୟକ ଅୟୁବ ଖାନ, ଗତ ନିର୍ବାଚନୀର ବିଧାୟକ ପ୍ରାର୍ଥି ଅଜୟ ଦାଶ ଏବଂ ନିରୁପମା ମାଝିଙ୍କ ୩ଟି ଗୋଷ୍ଠୀ ମଧ୍ୟରେ ଥିବା ଗୋଷ୍ଠୀକନ୍ଦଳ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ପରେ ଦୂର ହୋଇଛି। ଦଳ ମଜବୁତ୍ ହେବା ସହ ଅଞ୍ଚଳର ବିକାଶ ହେବ ବୋଲି ଜନ ସାଧାରଣରେ ଆଲୋଚନା ହେଉଛି।

**ଏମାନେ ଯାହା କହନ୍ତି**

"କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଭାଗ୍ୟ ବଦଳିବ। ଅଞ୍ଚଳର ବିକାଶ ହେବ। ଅନେକ ନୂତନ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ। କଣ୍ଟାବାଞ୍ଜିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥି ହୋଇଥିବାରୁ ଆମ୍ଭେ ତାଙ୍କୁ ସ୍ୱାଗତ କରୁଛୁ।

**ଆୟୁବ ଖାନ, ପୂର୍ବତନ ବିଧାୟକ**

"ଆମ୍ଭେ ବିଜେଡି ଦଳ ପାଇଁ କାମ କରୁଥିଲୁ, ଆଗକୁ ମଧ୍ୟ କରିବୁ। ଦଳ ସଭାପତିଙ୍କ ନିର୍ଣ୍ଣୟକୁ ସମ୍ମାନ ଜଣାଇ ଆମ୍ଭେ ତାଙ୍କ ସହ ଅଛୁ ଏବଂ ଅଧିକରୁ ଅଧିକ ବହୁମତରେ ବିଜୟ କରାଇବୁ। ତାଙ୍କ ବିଜୟରେ ହିଁ କଣ୍ଟାବାଞ୍ଜିର ବିକାଶ ସମ୍ଭବ।

**ନିରୁପମା ମାଝି, ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ତଥା ଦଳ ସଙ୍ଗଠକ**


ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବିଭିନ୍ନ ମନ୍ଦିରରେ ଶ୍ରୀରାମ ଦର୍ଶନ କରୁଛନ୍ତି।


ପବିତ୍ର ଶ୍ରୀରାମ ନବମୀ ଦିନ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ ସାରି ଫେରୁଛନ୍ତି।


ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ରାମ ନବମୀ ଅବସରରେ ପ୍ରଭୁଙ୍କ ପାଲଙ୍କି ବୋହିଛନ୍ତି। (ଫଟୋ–ସୁନୀଲ, ବଲାଙ୍ଗୀର)

## ସଂକ୍ଷେପରେ

### ଗଞ୍ଜେଇ ଜବତ ମାମଲାରେ ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ବାଉଁଶୁଣୀ,୧୭।୪(ଦେବାଶିଷ ନେପାକ)

ବଲାକିରା ଗ୍ରାମ ରାସ୍ତାରୁ ବାଇକ୍ ସହ ୭ କେଜି ଗଞ୍ଜେଇ ଜବତ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ବାଉଁଶୁଣୀ ପୋଲିସ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବାଉଁଶୁଣୀ ପୋଲିସ ବଲାକିରା ଗ୍ରାମ ରାସ୍ତାରେ ଜଗି ରହିଥିଲା। ଏହି ସମୟରେ ରାସ୍ତାରେ ଆସୁଥିବା ଏକ ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ଏୟାର ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ଫଳରେ ପୋଲିସ ବାଇକ୍ ଓ ଗଞ୍ଜେଇ ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତ ବାଉଁଶୁଣୀ ଥାନା ବସ୍ତମପୁର ଗ୍ରାମର ବାବୁଲା ଦାଶ ଓ ମାଘି ମଲ୍ଲିକଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୭ କେଜି ହୋଇଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

### ବିଧାୟକଙ୍କ ଜନସମ୍ପର୍କ ଅଭିଯାନ

ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଜନସମ୍ପର୍କ ଅଭିଯାନ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀର କୁରୁଆଁ, କଲାପାଣି, ତୋରା ପଞ୍ଚାୟତ ସମେତ ବରଗଡ଼ ସହର ମାତୃବିହାର ଆଦି ଅଞ୍ଚଳରେ ସେ ଏହି ଅଭିଯାନ କରିଥିଲେ । ବିଧାୟକ ଆଚାର୍ଯ୍ୟଙ୍କ ସହିତ ତାଙ୍କ ସମର୍ଥକମାନେ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କୁ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସେ ଅବଗତ କରିଥିଲେ । ଏହା ସହିତ ବିଭିନ୍ନ ନାମଯଜ୍ଞରେ ଯୋଗଦେଇ ସେ ଆଶୀର୍ବାଦ କାମନା କରିଥିଲେ ।

### ବାଉଁଶୁଣୀରେ ଶ୍ରୀରାମ ନବମୀ ପାଳିତ



ବାଉଁଶୁଣୀ,୧୭।୪ (ଦେବାଶିଷ ନେପାକ)

ବୁଧବାର ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ସମେତ ଆଖପାଖ ବିଭିନ୍ନ ଗ୍ରାମରେ ଥିବା ଶ୍ରୀରଘୁନାଥ ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହୋଇଯାଇଛି। ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀରାମ ନବମୀ ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା । ଶ୍ରୀରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୃଷୀକେଶ ମେହେର ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଗୋବର୍ଦ୍ଧନ ଦାସ ପୂଜା କାର୍ଯ୍ୟ କରିଥିଲେ। ସେହିପରି ବାଉଁଶୁଣୀର ବଡଦିଆପଡା, ସୋନପୁରିଆ ପଡା, ବହିରା, ଖଲିଆପାଲି, ତାଳପଦର, ସାହାଜପାଲ, ରାଉତବାହାଲ ସମେତ ଅନେକ ଗ୍ରାମରେ ଭକ୍ତି ଓ ନିଷ୍ଠାର ସହ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି।

### ଅଙ୍ଗଦାନ କରିବେ ରୀମା



ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ମନାପଡ଼ା ଗ୍ରାମର ଜଣେ ଯୁବତୀ ରୀମା ସାହୁ ମୃତ୍ୟୁପରେ ଅଙ୍ଗଦାନ କରିବେ । ଏ ନେଇ ସେ ଭୀମସାର୍, ବୁର୍ଲାକୁ ଯାଇ ବିଭାଗୀୟ ଅଧିକାରୀଙ୍କଠାରେ ଚୁକ୍ତି କରିଛନ୍ତି । ମୃତ୍ୟୁ ପରେ ତାଙ୍କ ଆଖି ଦ୍ୱାରା ୨ଜଣ ଦୃଷ୍ଟିହୀନ ଦୁନିଆଁ ଦେଖି ପାରିବେ ଏବଂ ଅନ୍ୟ ଅଙ୍ଗଗୁଡ଼ିକ ମେଡ଼ିକାଲ ଛାତ୍ରୀଛାତ୍ରଙ୍କ ଜ୍ଞାନ ଆହରଣ ପାଇଁ ସହାୟକ ହୋଇପାରିବ। ଏଥିପାଇଁ ସେ ଅଙ୍ଗଦାନ କରିବା ପାଇଁ ନିଷ୍ପତ୍ତି ନେଲେ ବୋଲି ରୀମା କହିଛନ୍ତି। ଚୁକ୍ତିନାମା ସମୟରେ ବରଗଡ଼ର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସଦସ୍ୟା ସୁତପା ଗଡ଼ତିଆ, ଯଯାତି କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ହୋଟେଲରୁ ଧରାପଡ଼ିଲେ ଗଞ୍ଜେଇ ଅଭିଯୁକ୍ତ

ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଦେଇ ଜିଲା ତଥା ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ପାଇଁ ଅଭିଯୁକ୍ତମାନେ ନିରାପଦ ମଣିଛନ୍ତି । ଏହି କ୍ରମରେ ଏହି ସହର ଦେଇ ଗଞ୍ଜେଇ ଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଅନ୍ୟପଟେ ଜଣେ ପରେ ଜଣେ ଅଭିଯୁକ୍ତ ଧରାପଡୁଥିଲେ ସୁଦ୍ଧା ପୋଲିସକୁ ଚ୍ୟାଲେଞ୍ଜ କରି ବରଗଡ଼ ସହର ଦେଇ ଗଞ୍ଜେଇ ଚାଲାଣରେ ଅଙ୍କୁଶ ଲାଗି ପାରୁ ନାହିଁ । ବୁଧବାର ବରଗଡ଼ ରେଳ ଷ୍ଟେଶନ ନିକଟ ଏକ ହୋଟେଲରୁ ଗଞ୍ଜେଇ ଚାଲାଣ କରୁଥିବା ରାଜ୍ୟ ବାହାର ୨ଅଭିଯୁକ୍ତ ସ୍ଥାନୀୟ ଟାଉନ ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ,



ହୋଟେଲରୁ ଗଞ୍ଜେଇ ସହିତ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁଛି ।

ଉତ୍ତର ପ୍ରଦେଶ ରାଜ୍ୟର ରାଜନ ଗୌଡ଼ ଏବଂ ହରଦେବ କୁସବା । ପୋଲିସ ସେମାନଙ୍କ ପାଖରୁ ୧୨କି.ଗ୍ରା ଗଞ୍ଜେଇ ଜବତ କରିଛି । ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି ।

ପ୍ରକାଶ ଯେ, ବରଗଡ଼ ରୋଡ୍ ରେଳ ଷ୍ଟେଶନ ନିକଟ ଏକ ହୋଟେଲ କକ୍ଷରେ ଗଞ୍ଜେଇ ଧରି ୨ଅଭିଯୁକ୍ତ ସେଠାରେ ଆଶ୍ରୟ ନେଇଥିବା ନେଇ ବରଗଡ଼ ଟାଉନ ଥାନା ପୋଲିସକୁ ସୂଚନା ମିଳିଥିଲା । ସେହି ସୂଚନାକୁ ଆଧାର କରି ପୋଲିସର ଏକ ଟିମ ସେଠାକୁ ପହଞ୍ଚି ଅତର୍କିତ ଚଢ଼ାଉ କରିଥିଲେ । ସମ୍ପୃକ୍ତ ହୋଟେଲର ରୁମ୍ ନଂ-୧୦୩ କବାଟ ଖୋଲିବା ପରେ ଗଞ୍ଜେଇ ସହିତ ଉପରୋକ୍ତ ୨ଅଭିଯୁକ୍ତ ଧରାପଡ଼ିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ପୋଲିସ ବରଗଡ଼ ରୋଡ୍ ରେଳ ଷ୍ଟେଶନ ପାଖ ଗଣେଶ ମନ୍ଦିର ନିକଟରୁ ୩କି.ଗ୍ରା ଗଞ୍ଜେଇ ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚଢ଼ାଉରେ ସ୍ଥାନୀୟ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ, ଏସଆଇ ସୁଶାନ୍ତ ସାହୁ, ରବିନାରାୟଣ ତ୍ରିପାଠୀ, ଏଏସଆଇ ରଶ୍ମୀରଞ୍ଜନ ହୋତା ପ୍ରମୁଖ ସାମିଲ ଥିଲେ ।



ସାଇବାବାଙ୍କ ପାଲିଙ୍କି ଯାତ୍ରାରେ ବରଗଡ଼ ବିଧାୟକ ସାମିଲ ହୋଇଛନ୍ତି ।

## ସାଇବାବାଙ୍କ ପାଲିଙ୍କି ଯାତ୍ରା

ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ବୁଧବାର ସାଇବାବାଙ୍କ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାଇବାବା ମନ୍ଦିରରୁ ଏହି ଯାତ୍ରା ବାହାରିଥିଲା। ସ୍ଥାନୀୟ ଭଟଲି ଛକ ଦେଇ ଏହି ପାଲିଙ୍କି ଯାତ୍ରା ସହର ପରିକ୍ରମା କରିଥିଲା। ପାଲିଙ୍କି ଯାତ୍ରାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ସାମିଲ ହୋଇଥିଲେ। ସାଇବାବାଙ୍କ ପାଲିଙ୍କି କାନ୍ଧେଇ ସେ ସାଇବାବାଙ୍କ ଆଶୀର୍ବାଦ କାମନା କରିଥିଲେ। ଅନେକ ଶ୍ରଦ୍ଧାଳୁ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ ।

ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଡ. ଉମେଶ ପ୍ରସାଦ ଖାଡ଼ଙ୍ଗା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଡ. ଗିରିଧାରୀ ହୋତା, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନିତ ଅତିଥି ଏବଂ ନାଟ୍ୟକାର କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ । ଅତିଥିବୃନ୍ଦ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ପ୍ରଶିକ୍ଷିକା ସୀମାଞ୍ଜଳି ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଂଯୋଜନା କରିଥିବାବେଳେ ଜନକ ସେଠ, ଗଗନ ବେହେରା, ବେଣୁଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ପ୍ରଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବାଳ ବାଟିକା ଶ୍ରେଣୀକକ୍ଷ ଉଦଘାଟିତ ହୋଇଥିବାବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ରୀମାରାଣୀ ଭୋଇ, ବରୁଣ କୁମ୍ଭକାର, ତନୁଶ୍ରୀ ତନୁଜା ନାଗ, ରଶ୍ମିତା ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ନବମୀ ପାଳିତ

ବରପାଲି,୧୭।୪(ଚିତ୍ତରଞ୍ଜନ ସାହୁ)

ବରପାଲି ରାମ ସେନା, ରାମ ମନ୍ଦିର ଓ ଶିରିଡି ସାଇ ମନ୍ଦିରରେ ଶ୍ରୀ ରାମ ନବମୀ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଯାଇଛି। ସୁନାରିପଡ଼ା ସିଂ ବ୍ରଦର୍ସ କଳା ପରିଷଦ ପକ୍ଷରୁ ୧୨୦ ତମ ରାମନବମୀ ଜନ୍ମୋତ୍ସବ ପାଳିତ ହେବା ସାଙ୍ଗକୁ ରାମ ଲୀଳା ନାଟକ ମଧ୍ୟ ପରିବେଷଣ କରିଛନ୍ତି। କେନାଲରୋଡ ସ୍ଥିତ ଶିରିଡି ସାଇ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ତଥା ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇ ଯାଇଥିବା ବେଳେ ସକାଳ ୫ଟାରେ କାକଡ ଆରତୀ, ମହାଭିଷେକ, ଷୋଡ଼ଶ ଉପଚାର ପୂଜା ହୋମ ଆଦି ପରେ ସନ୍ଧ୍ୟାର ବାବାଙ୍କ ପାଲିଙ୍କି ଯାତ୍ରା ନଗର ପରିକ୍ରମା କରିଥିଲା। ସେହିପରି ରାମ ସେନା ପକ୍ଷରୁ ସହରରେ ଘଣ୍ଟ ଡିଜେ,ବାଜା ସହ ଏକ ବିରାଟ ଶୋଭାଯାତ୍ରା ବାହାରି ରାମ ମନ୍ଦିରଠାରେ ପହଞ୍ଚି ପୂଜା ଅର୍ଚ୍ଚନା କରିଥିଲେ। ରାମ ମନ୍ଦିର ଠାରେ ବାର୍ଷିକ ପୂଜା ମହୋତ୍ସବରେ ହୋମଯଜ୍ଞ ସହ କୀର୍ତ୍ତନ କରିଥିଲେ। ସେହିପରି ଶିରିଡ଼ି ସାଇ ମନ୍ଦିର ଠାରେ ଡାକ୍ତର ସୁବ୍ରତ କୁମାର ମୁଣ୍ଡ ଓ ସୁନୀତା ମୁଣ୍ଡ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପୂଜା କାର୍ଯ୍ୟରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ।

## କଳ୍ପନାଜଳ୍ପନାର ଅନ୍ତ: ବର୍ଷାଙ୍କୁ ବିଜେଡି ଭରସା

ପଦ୍ମପୁର,୧୭।୪(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବିଧାନସଭା ଆସନ ପାଇଁ ବର୍ଷା ସିଂ ବରିହା ପୁଣି ବିଜେଡ଼ି ପ୍ରାର୍ଥୀଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇବେ । ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହା ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ପଦ୍ମପୁର ଆସନକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ପ୍ରକାଶଥାଉକି, ଗତ ୨୦୨୨ ମସିହା ଅକ୍ଟୋବରରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକ ପରେ ହୋଇଥିବା ଉପନିର୍ବାଚନରେ ବିଜେଡ଼ି ସ୍ୱର୍ଗତ ବରିହାଙ୍କ ଝିଅ ବର୍ଷାଙ୍କୁ ଦଳୀୟ ପ୍ରାର୍ଥୀ କରିଥିଲା । ସେହି ଉପନିର୍ବାଚନରେ ବର୍ଷା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରଦୀପ ପୁରୋହିତଙ୍କୁ ୪୨ହଜାରରୁ ଅଧିକ ଭୋଟ୍‌ରେ ହରାଇ ବିଧାୟିକା ନିର୍ବାଚିତ ହୋଇଥିଲେ । ତେବେ



ବର୍ଷା ସିଂ ବରିହା ।

ଆସନ୍ତା ନିର୍ବାଚନ ପାଇଁ ବିଜେଡ଼ି ଦଳର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବା ସୁଦ୍ଧା ପଦ୍ମପୁର ଆସନକୁ ଝୁଲାଇ ରଖିଥିଲା । ଫଳରେ ପଦ୍ମପୁର ଆସନରେ ବିଜେଡ଼ି ପକ୍ଷରୁ ବର୍ଷା ପୁଣି ସୁଯୋଗ ପାଇବେ କି ନାହିଁ, ତାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା । ମୁଖ୍ୟମନ୍ତ୍ରୀ ଦଳର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ବର୍ଷାଙ୍କ ନାମ ଘୋଷଣା କରିବା ପରେ ତାଙ୍କ ସମର୍ଥକ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

## କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ତରଫରୁ ବ୍ରହ୍ମବୀଣା ଶିକ୍ଷାଦାନ ଆରମ୍ଭ

ପଦ୍ମପୁର,୧୭।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅନ୍ତର୍ଗତ ଡୋଲବନ୍ଧ ଗ୍ରାମରେ ଥିବା ସଚେତନ ହେମା ଅନୁଷ୍ଠାନରେ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଆନୁକୂଲ୍ୟରେ ଅମୃତ ପୁରସ୍କାର ଲାଭ କରିଥିବା ଆନନ୍ଦ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳା ଦୀକ୍ଷା ବ୍ରହ୍ମବୀଣା ଶିକ୍ଷାଦାନ ଆରମ୍ଭ ହୋଇଯାଇଛି। ତାଲିମ କାର୍ଯ୍ୟକ୍ରମକୁ ଅଶ୍ୱିନୀ ପଟେଲ ଓ ରାଜକୁମାର ସାହୁ ସହଯୋଗ କରୁଥିବା ବେଳେ ସପ୍ନେଶ୍ୱରୀ ସାହୁ, ପପୁ ସାହୁ, ଭାଗିରଥି ମହାକୁର,ଜ୍ୟୋତି ସାହୁ, ନନ୍ଦିନୀ ସାହୁ, ଚାନ୍ଦିନୀ ସାହୁ, ଆଲିଶା ସାହୁ, ଲୁକେଶ ସାହୁ, ଆଲୋକ ପୋଡ଼, ସଞ୍ଜିବ ସାହୁ, ଆରାଧ୍ୟ ସାହୁ ପ୍ରମୁଖ ଶିକ୍ଷା ଗ୍ରହଣ କରୁଛନ୍ତି। ବ୍ରହ୍ମବୀଣା ଲୋକ



ବାଦ୍ୟ ଲୁଚି ଯିବାକୁ ଥିବା ବେଳେ ଆନନ୍ଦ ବାଗଙ୍କ ପ୍ରଚେଷ୍ଟାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଗ୍ରାମାଞ୍ଚଳର ଲୋକକଳାକୁ ଉଜ୍ଜୀବିତ କରିବାର ପ୍ରୟାସରେ ପ୍ରତିଜ୍ଞାବଦ୍ଧ ସଙ୍ଗୀତଜ୍ଞ ରବିରତନ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ବାସୁଦେବ ସାହୁ, ଝସକେତନ ସାହୁ, ଘନଶ୍ୟାମ ଭୋଇ, ଚିତ୍ତରଞ୍ଜନ ସାହୁ ଓ ମହେନ୍ଦ୍ର ସାହୁ ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଥିବା ଅନୁଷ୍ଠାନ ତରଫରୁ ପ୍ରକାଶ।

## ବିକାଶରେ ରାମ ନବମୀ ପାଳନ

ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ବୁଧବାର ରାମ ନବମୀ ଉତ୍ସବ ପାଳିତ ହୋଇଛି । ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ମହାପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କର ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାମ ଚରିତ ମାନସର ପଂକ୍ତି ଉଚ୍ଚାରଣ ସହିତ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବିଦ୍ୟାଳୟର ଶିଶୁମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶଭୂଷାରେ ଅଭିନୟ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ ।

## ବିଜୁବାବୁଙ୍କ ନେତୃତ୍ୱ ସ୍ମରଣୀୟ



ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ବରଗଡ଼,୧୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ବୁଧବାର ବିଜେଡ଼ି ପକ୍ଷରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ବରଗଡ଼ର ଜନପ୍ରିୟ ନେତା ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁଣ୍ୟତିଥି ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଜେଡ଼ି ନେତା, କର୍ମୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ବିଜେଡ଼ି ନେତା ଅଚ୍ୟୁତାନନ୍ଦ ମହାପାତ୍ର ଯୋଗଦେଇ ବିଜୁବାବୁଙ୍କ ନେତୃତ୍ୱ ଏବଂ ସ୍ୱର୍ଗତ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଉଭୟ ନେତା ବରଗଡ଼ ପାଇଁ ସବୁଦିନ ସ୍ମରଣୀୟ ହୋଇ ରହିବେ ବୋଲି ସେ ବକ୍ତବ୍ୟ ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସସ୍ମିତ ଆଚାର୍ଯ୍ୟ, ବରିଷ୍ଠ ଆଡ଼ଭୋକେଟ୍ ଅଶୋକ ଯୋଶୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## କୃଷି ଅଧିକାରୀଙ୍କ ମାଣ୍ଡିଆ ଚାଷ ପରିଦର୍ଶନ

ପାଇକମାଳ, ୧୭।୪ (ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ପାଇକମାଳ ସହ କୃଷି ଅଧିକାରୀ ନୂତନ କୁମାର ସୁରେନ, କୃଷି ଅଧିକାରୀ ଯୋଗେଶ୍ୱର ପଟେଲ, ଅହିଂସା କ୍ଲବରୁ ଓଡ଼ିଶା ମିଲେଟ ମିଶନର ବ୍ଲକ ସଂଯୋଜକ ଗୌର ଚରଣ ସାହୁ, ସହ ସଂଯୋଜକ ରାକେଶ କୁମାର ପ୍ରଧାନ ପାଇକମାଳ ବ୍ଲକରେ ରବି ଋତୁରେ ଚାଷ ହୋଇଥିବା ବିଭିନ୍ନ ଗାଁର ମାଣ୍ଡିଆ କ୍ଷେତ ବୁଧବାର ପରିଦର୍ଶନ କରିଥିଲେ। ସୋମନାଥ ମହାପାତ୍ର ରବି ଋତୁରେ ମାଣ୍ଡିଆ ଚାଷ କଲେ ଅଧିକ ଲାଭ ହେଉଛି ନା କ୍ଷତି ହେଉଛି ତାହା ଚାଷୀ ମାନଙ୍କୁ ପଚାରି ବୁଝିଥିଲେ। ଚାଷୀମାନେ ରବି ଋତୁ ଟିକିଏ ପାଣି ସୁବିଧା ଥିଲେ ଅନ୍ୟ ଚାଷ ବଦଳରେ ମାଣ୍ଡିଆ ଚାଷ କଲେ ଅଧିକ ଲାଭ ମିଳିବ ଓ କମ ପାଣିରେ ଚାଷ ଭଲ ହେବ ବୋଲି ଚାଷୀମାନେ କହିଥିଲେ। ତେଣୁ କରି ଧାନ ବଦଳରେ ମାଣ୍ଡିଆ ଚାଷ କଲେ ଅଧିକ ଲାଭ ମିଳିବ ବୋଲି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଛେତଗାଁ ପଞ୍ଚାୟତର ପରଶଖଣ୍ଡି, ଭୁବନେଶ୍ୱରପୁର ପଞ୍ଚାୟତର ଭୁବନେଶ୍ୱରପୁର ଗାଁ, ମଣ୍ଡିଆଡ଼ିପା ପଞ୍ଚାୟତର କେନାବୁଦା, ଜାମସେଠ ପଞ୍ଚାୟତର ଡୁଡୁକିଝରିଆ ଗାଁର ମାଣ୍ଡିଆ ଚାଷ ଜମି ବୁଲି ଦେଖିଥିଲେ।



କୃଷି ଅଧିକାରୀ ମାଣ୍ଡିଆ କ୍ଷେତ ବୁଲି ଦେଖୁଛନ୍ତି।

## ବୀରମହାରାଜପୁରରେ ଭାଜପାର ନିର୍ବାଚନୀ ପ୍ରଚାର

ଅମରପାଲି,୧୭।୪(ପୀତାମ୍ବର ସାହୁ)

ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳର ପ୍ରାର୍ଥୀ ଘୋଷଣା ସରିଛି। ବିଜେଡିରୁ ପଦ୍ମନାଭ ବେହେରା , ଭାଜପାରୁ ରଘୁନାଥ ଜଗଦଲା ଓ କଂଗ୍ରେସରୁ ପ୍ରଦୀପ ସେଠୀ ପ୍ରାର୍ଥୀ ହୋଇଛନ୍ତି। ତେବେ ପ୍ରାର୍ଥୀ ଘୋଷଣା ପରେ ଚଳଚଞ୍ଚଳ ହୋଇପଡ଼ିଛି ରାଜନୈତିକ କ୍ୟାମ୍ପ ।ଏହି କ୍ରମରେ ଭାଜପା ତାହାର ପ୍ରଚାର ଆରମ୍ଭ କରି ଦେଇଛି। ମଙ୍ଗଳବାର ଦିନ ଭାଜପାର ପ୍ରାର୍ଥୀ ଇଂ ରଘୁନାଥ ଜଗଦଲା ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଛନ୍ତି। ରଘୁନାଥ ଓ ତାଙ୍କ ସମର୍ଥକମାନେ ବ୍ଲକର କମିରା, ଲକ୍ଷ୍ମୀ, ଟେଭାପଦର, ବିକଳପୁର, ଯୁବରାଜପୁର, ତିଲେଇମାଲ, ଟାମକିଆ ଦାଦର, ଆମ୍ବସଓରଭଟା, ଭାଟପଦର, ପିତାମହୁଲ, ସଂଗ୍ରାମପୁର, ସୁବଳୟା ଆଦି ଗ୍ରାମକୁ ଯାଇ ଭୋଟ ପ୍ରଚାର କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ସୁଶାସନ ବିଷୟରେ ଲୋକଙ୍କୁ ବୁଝାଇବା



କମିରାରେ ଭାଜପାର ନିର୍ବାଚନ ପ୍ରଚାର କରାଯାଉଛି ।

### ଭାଜପାକୁ ଭୋଟ ଦେବାକୁ ଅନୁରୋଧ

ସହିତ ଚଳିତ ନିର୍ବାଚନରେ ଭୋଟ ଦେଇ ବିଜୟୀ କରିବାକୁ ଭାଜପା ପ୍ରାର୍ଥୀ ରଘୁନାଥ ଅନୁରୋଧ କରିଥିଲେ। ପ୍ରଚାର ସମୟରେ ବିଧାୟକ ପ୍ରାର୍ଥୀ ରଘୁନାଥଙ୍କ ସହିତ ଜିଲା ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାସ, ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ବିବେକାନନ୍ଦ ପ୍ରଧାନ, ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁର, ପୂର୍ବତନ ବିନିକା ଏନଏସି ଚେୟାରମ୍ୟାନ ଉଷତ କର,ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ,ପୂର୍ବତନ ଜିଲା ପରିଷଦ ସଭ୍ୟା ନଳିନୀ ପଣ୍ଡା, ପୂର୍ବତନ ସରପଞ୍ଚ ବଳରାମ ସୁନା, ସତ୍ୟ ମିଶ୍ର, ଶରତ ମିଶ୍ର, ରାମପ୍ରସାଦ କର୍ଣ୍ଣ, ସପନ ପ୍ରଧାନ, ଉଦ୍ଧବ ମହାକୁର, ବିଶ୍ୱଦେବ ବଡ଼ପଣ୍ଡା, ଭୁବନେଶ୍ୱର ପାତ୍ର, ଆକାଶ ନାଏକ, ଅଶୋକ ସାହୁ, ଏକଲବ୍ୟ ବେହେରା , ରମେଶ ପଣ୍ଡା ପ୍ରମୁଖ ଯୋଗଦେଇ ଭାଜପାକୁ ଭୋଟ ଦେବାକୁ ପ୍ରଚାର କରିଥିଲେ। ଏହାସହିତ ଭାଜପାର ଶତାଧିକ ସମର୍ଥକ ଓ କର୍ମକର୍ତ୍ତା ପ୍ରଚାର ସମୟରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ୟୁପିଏସସି ସର୍ବଭାରତୀୟ ସ୍ତରରେ ପ୍ରିୟଙ୍କାଙ୍କ ସଫଳତା



**ରାଉରକେଲା, ୧୭।୪(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସପି ଷ୍ଟୋର୍ଷ,ଇନସେକ୍ସନ ଏବଂ ଏସସି ବିଭାଗର ଜିଏମ ଇନଚାର୍ଜ ଏନ. ଆର୍ ରାୟ ଚୈଧୁରୀ ଓ ଭାରତୀ ମହାନ୍ତିଙ୍କ ସୁପୁତ୍ରୀ ପ୍ରିୟଙ୍କା ପ୍ରୀୟଦର୍ଶନୀ ୟୁପିଏସସି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୩୮୭ତମ ସ୍ଥାନ ହାସଲ କରିଛନ୍ତି। ପ୍ରକାଶ ଥାଉକି, ପ୍ରୀୟଙ୍କା ରାଉରକେଲା ଇସ୍ପାତ ସହରରେ ଜନ୍ମଲାଭ କରିଥିବା ବେଳେ ସ୍ଥାନୀୟ କାର୍ମେଲ ସ୍କୁଲରୁ ୧୦ମ ଓ ଦିଲ୍ଲୀ ପବ୍ଲିକ ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ସମାପ୍ତ କରିଥିଲେ। ପରେ ସିଏଲଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାୟପୁରର ହିଦାୟତୁଲ୍ଲା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ। ଯେଉଁଠାରୁ ପ୍ରିୟଙ୍କା ୧୧ଟି ସ୍ୱର୍ଣ୍ଣ ପଦକ ସହିତ ସ୍ନାତକ ସମ୍ମାନ ହାସଲ କରିଥିଲେ। ପ୍ରକାଶ ଥାଉକି, ପ୍ରୀୟଙ୍କା ୧୦୧୩ରୁ ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡରେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

### ରଙ୍ଗିଆଡ଼ିପାରେ ରାମନବମୀ ପୂଜା

**ହେମଗିର, ୧୭।୪ (ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ ରଙ୍ଗିଆଡ଼ିପା ଠାରେ ମା'ମାଣିକେଶରୀ ଯୁବକ ସଂଘ ପକ୍ଷରୁ ରାମନବମୀ ଉତ୍ସବ ପାଳନ କରାଯାଇଛି। ପୂଜକ ଭାବେ ଉମେଶ ସତପଥୀ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ ଲଳିତ ପଟେଲ ଓ ଜୟନ୍ତୀ ପଟେଲ କାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସଞ୍ଚାଳନ କରିବା ପାଇ କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ କମିଟି ସଭାପତି କଳାକାହ୍ନୁ ମେହେର,ସମ୍ପାଦକ ସଞ୍ଜୟ କୁମାର ପଟେଲ,ଡୋଲାମଣି ମେହେର, ବୃନ୍ଦାବନ ଠାକୁର, ନିରଞ୍ଜନ ପଟେଲ, ମୁକ୍ତେଶର ପଟେଲ, ତ୍ରିଲୋଚନ ପଟେଲ, ରମେଶ ପଟେଲ,ହେତରାମ ନାଏକ, ସୁମନ୍ତ ପଟେଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

### ଅଷ୍ଟଧାତୁ ବିଗ୍ରହ ପ୍ରତିଷ୍ଠା

**ବଡ଼ଗାଁ, ୧୭।୪(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବ ମଣ୍ଡପ ସ୍ଥିତ ମନ୍ଦିରରେ ବୁଧବାର ଶ୍ରୀ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଅଷ୍ଟଧାତୁରେ ନିର୍ମିତ ବିଗ୍ରହ ପ୍ରତିଷ୍ଠା ହୋଇଛି। ପୂଜକ ତୁଷାର ରଞ୍ଜନ ପାଣିଗ୍ରାହୀ ପୂଜାର୍ଚ୍ଚନା କରି ବିଗ୍ରହ ପ୍ରତିଷ୍ଠା କରାଇଥିଲେ। ଅଷ୍ଟଧାତୁରେ ନିର୍ମିତ ଏହି ବିଗ୍ରହ ଗୁଡିକୁ ବିରଙ୍ଗାଟୋଲି ଗ୍ରାମର ବସନ୍ତ କୁମାର ଦାନୀ ମନ୍ଦିରକୁ ପ୍ରଦାନ କରିଛନ୍ତି।

# ଶିକ୍ଷିତ ଯୁବବର୍ଗଙ୍କ ନିଯୁକ୍ତି ବ୍ୟବସ୍ଥାରେ ଢିଲା

**ରାଉରକେଲା, ୧୭।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଜିଲା ନିଯୁକ୍ତି ନିୟୋଜନ କାର୍ଯ୍ୟାଳୟ ସ୍ଥାପନ ହେବାର ଆଜକୁ ୬୩ ବର୍ଷ ପୂରିଲା। ବିଭାଗ ହାତରେ ଜିଲାର ୧୭ ବ୍ଲକର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ପ୍ରମାଣପତ୍ର ପ୍ରଦାନ କରିବା ବ୍ୟବସ୍ଥା ନ୍ୟସ୍ତ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲା ନିଯୁକ୍ତି ନିୟୋଜନ ବିଭାଗ ମାଧ୍ୟମରେ ୧୯, ୫୦୧ଯୁବତୀ ଓ ୩୧,୧୨୬ଜଣ ଯୁବକ ନିଯୁକ୍ତି ପାଇଁ ନାମ ପଞ୍ଜୀକରଣ କରିଥିଲେ। ମାତ୍ର ୩୦ହଜାର ଯୁବତୀଯୁବକଙ୍କୁ ନିଯୁକ୍ତିଭିତ୍ତିକ ପ୍ରମାଣପତ୍ର ମିଳିଥିବା ବେଳେ ୨୦ହଜାରଙ୍କୁ ପ୍ରମାଣପତ୍ର ମିଳି ନ ଥିବା ଜଣାପଡିଛି। ଅନ୍ୟପଟେ ପ୍ରମାଣପତ୍ର ପାଇ ନ ଥିବା ଯୁବତୀଯୁବକ ବିଭାଗ ସହ ସମ୍ପର୍କରେ ନ ରହିବା କାରଣରୁ ଏଭଳି ସମସ୍ୟା ହୋଇଥିବା ବିଭାଗ ପକ୍ଷରୁ କୁହାଯାଉଛି। ୩୦ହଜାର ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରୁ ୮୦ଭାଗ ବେସରକାରୀ ପ୍ରତିଷ୍ଠାନରେ ନିୟୋଜିତ ରହିଥିବା ବେଳେ ୨୦ଭାଗ ସରକାରୀ ପ୍ରତିଷ୍ଠାନରେ ଯୋଗ ଦେଇଛନ୍ତି। ଉଚ୍ଚଶିକ୍ଷା ଲାଭ କରିଥିବା ଯୁବତୀଯୁବକ ଷ୍ଟେଟ୍ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ, ଭୁବନେଶ୍ୱର ଏବଂ ଅନୁସୂଚିତ ଜାତି, ଜନଜାତି ଶିକ୍ଷିତ ପିଲାଏ ଏସ୍‌ସି/ଏସ୍‌ଟି




ରାଉରକେଲା ନିଯୁକ୍ତି ନିୟୋଜନ କାର୍ଯ୍ୟାଳୟ।

■ ବଢୁଛି ବେକାର ସମସ୍ୟା

■ ବିଭାଗ ପାଖରେ ତାଲିକା ନାହିଁ

ସ୍ପେଶାଲ ଏମ୍ପ୍ଲୟମେଣ୍ଟ ଭୁବନେଶ୍ୱରରେ ନାମ ପଞ୍ଜୀକୃତ କରାଇବା ବ୍ୟବସ୍ଥା ନିଯୁକ୍ତି ପ୍ରକରଣ ମାତ୍ରା ହ୍ରାସ ହେବାର କାରଣ ସାଜୁଥିବା କୁହାଯାଉଛି। ଆର୍ଥିକ ବର୍ଷ ୨୦୨୨-୨୩ରେ ୭୧ଟି ସରକାରୀ, ବେସରକାରୀ ପ୍ରତିଷ୍ଠାନ ଏବଂ ଭାରତୀୟ ସେନାରେ ୮ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ,ଏମ୍‌କମ୍, ଆଇଟିଆଇରୁ ଡିପ୍ଲୋମା ଇଞ୍ଜିନିୟରିଂ କରିଥିବା ଜିଲାର ୭୦ଭାଗ ଶିକ୍ଷିତ ଯୁବବର୍ଗ ନିଯୁକ୍ତି ପାଇଛନ୍ତି। ବର୍ତ୍ତମାନ ନିଯୁକ୍ତିମୂଳକ କାଉନସେଲିଂ ଜିଲାର ବିଭିନ୍ନ ସ୍କୁଲ ଓ କଲେଜରେ ହେଉଛି। ପ୍ରତିମାସ ୫ଟି ନିଯୁକ୍ତି କ୍ୟାମ୍ପ ସହ ଜବ୍ ଡ୍ରାଇଭ୍‌ରେ ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ସାମିଲ କରାଯାଉଛି। ସରକାର ୨୦୦୬ରୁ ଆତ୍ମନିଯୁକ୍ତି ପରାମର୍ଶ ମେଳାରେ ଯୁବତୀଯୁବକଙ୍କୁ ସରକାରୀ ଓ ବେସରକାରୀ ନିଯୁକ୍ତି ପ୍ରଦାନ କରିବା ବ୍ୟବସ୍ଥା ଶୁଭାରମ୍ଭ କରିଥିଲେ। ୨୦୧୨ରେ ତାଲିମ ସହ ସିଧାସଳଖ ନିଯୁକ୍ତି ପାଇଁ କାଉନସେଲିଂ କ୍ୟାମ୍ପ ଓ ଡ୍ରାଇଭ୍ ଜବ୍ ବ୍ୟବସ୍ଥା ହେଲା। ମାତ୍ର ବିଡ଼ମ୍ବନାର ବିଷୟ ଲକ୍ଷ୍ୟ ହାସଲ ପାଇଁ ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ପର୍ଯ୍ୟାପ୍ତ ମାତ୍ରାରେ ନ ହେବା ଓ ସରକାରୀ, ବେସରକାରୀ ନିଯୁକ୍ତିଜନିତ ସଚେତନତା ଅଭାବରୁ ୧୭ଟି ବ୍ଲକରେ ବେକାରି ସମସ୍ୟା ଦୂରୀକରଣ ଏକ ଜଟିଳ ସମସ୍ୟା ସାଜୁଛି। ରାଜନୈତିକ ଦଳଗୁଡ଼ିକ ଏଥିପ୍ରତି ଦୃଷ୍ଟି ଦେଇ ଯୁବବର୍ଗଙ୍କ ସମସ୍ୟା ତୃଣମୂଳ ସ୍ତରରେ ସମାଧାନ ନିମନ୍ତେ ପ୍ରୟାସ କଲେ ଏହା ସମ୍ଭବ ହୋଇପାରିବ ବୋଲି ଯୁବବର୍ଗଙ୍କ ମହଲରେ ମତ ପ୍ରକାଶ ପାଇଛି। ଏ ନେଇ କ୍ଲିଷ୍ଟନ ଯୋଶୀ ଟପ୍ପୋ ନାମକ ଜଣେ ମାଟ୍ରିକ ପାସ୍ ଛାତ୍ର କୁହନ୍ତି, ୨୦୨୦ରେ ଜିଲା ନିୟୋଜନ ଅଫିସରେ ନାମ ପଞ୍ଜୀକରଣ କରାଇବାକୁ ଆସିଥିଲି। ସବୁ ଆବଶ୍ୟକ ପ୍ରାମଣପତ୍ର ପୈଠ କଲି। ଦୀର୍ଘବର୍ଷ ଧରି ପଞ୍ଜୀକୃତ ନ ହୋଇପାରିବା କାରଣରୁ କାମଧନ୍ଦା ନ ପାଇ ବାଧହୋଇ ସୁରଟ ଯାଇ ମାଛଧରିବା କାମ ଆରମ୍ଭ କଲି। ମୋ ନାମ ପଞ୍ଜୀକୃତ ହେଲେ ସ୍ଥାନୀୟ ଅଞ୍ଚଳର ଫ୍ୟାକ୍ଟିରେ ନିଯୁକ୍ତି ମିଳିପାରନ୍ତା ବୋଲି ସେ ଦର୍ଶାଇଥିଲେ। ଏନେଇ ରାଉରକେଲା ନିଯୁକ୍ତି ନିୟୋଜନ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର କିଷାନଙ୍କୁ ପଚାରିବାରୁ, ବର୍ତ୍ତମାନ ଜବ୍ ଡ୍ରାଇଭ୍ ଚାଲିଛି। ଆଗକୁ ୧୭ଟି ବ୍ଲକର ଅଧିକରୁ ଅଧିକ ଶିକ୍ଷିତ ଯୁବତୀଯୁବକଙ୍କ ନାଁ ଯେଭଳି ପଞ୍ଜୀକୃତ ହୋଇପାରିବ ସେ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି ସେ କହିଥିଲେ।

## ବାଟମଙ୍ଗଳା ଶକ୍ତିପୀଠରେ ନବରାତ୍ରି



ଜଗଦାସ୍ଥିତ ବାଟ ମଙ୍ଗଳା ଶକ୍ତିପୀଠରେ ସୁସଜ୍ଜିତ ଦେବୀ ।

**ରାଉରକେଲା, ୧୭।୪(ସଙ୍ଗୀତା ଜେନା)**

ରାଉରକେଲାର ପ୍ରସିଦ୍ଧ ଜଗଦା ବାଟ ମଙ୍ଗଳା ଶକ୍ତିପୀଠରେ ବାସନ୍ତୀକ ନବରାତ୍ରୀ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ଦେବୀଙ୍କୁ ସିଦ୍ଧିଦାତ୍ରୀ ଭାବେ ପୂଜା କରାଯାଇଥିଲା। ପୂର୍ବାହ୍ନରେ କୁମାରୀ ପୂଜନ ଭାବାର୍ପଣ ସମ୍ପନ୍ନ ହୋଇଥିଲା। କୁମାରୀ ପ୍ରସାଦ ସେବନ, ଦିବ୍ୟଦ୍ରବ୍ୟ ଦକ୍ଷିଣା ଭେଟି ସମର୍ପଣ, ଆର୍ଶୀବାଦ ଭିକ୍ଷା କରାଯାଇଥିଲା। ୧୪ ବର୍ଷରେ ପଦାର୍ପଣ କରିଥିବା ଉକ୍ତ ପୂଜାରେ ପଣ୍ଡିତ କାଶୀନାଥ ପଣ୍ଡା ଓ ସହଯୋଗୀ ହେମନ୍ତ କର ପୂଜା ସଞ୍ଚାଳନ କରିଥିଲେ। କର୍ତ୍ତା ଭାବେ ରମେଶ ଓ ଗୀତା ଦାସ ପୂଜାବିଧି କରଥିଲେ। ଶେଷରେ ଶହସ୍ରାଧିକ ଭକ୍ତ ମାତୃ ସନିଧ୍ୟ ଲାଭ କରି ପୁଷ୍ପାଞ୍ଜଳି ଅର୍ପଣ କରଥିଲେ। ଗୁରୁବାର ମହାଦଶମୀରେ ଭୁବନେଶ୍ୱରୀ ଅପରାଜିତା ପୂଜା ସହ ମହାପୂର୍ଣ୍ଣାହୁତି କରାଯିବ ବୋଲି ସୂଚନା ମିଳିଛି। ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ଡିଏନ୍ ପୃଷ୍ଟି ସମେତ ଶତାଧିକ ସଦସ୍ୟ ସହଯୋଗ କରିଥିଲେ।

## ରାମନବମୀ ଉପଲକ୍ଷେ ଝଣ୍ଡା ସ୍ଥାପନ, ପରିକ୍ରମା



ହନୁମାନ ଝଣ୍ଡା ଗ୍ରାମ ପରିକ୍ରମା କରୁଛି।

**ବଡ଼ଗାଁ, ୧୭।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁରେ ବୁଧବାର ରାମ ନବମୀ ଉପଲକ୍ଷେ ହନୁମାନ ଝଣ୍ଡା ସ୍ଥାପନ କରାଯାଇଥିଲା। ପରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମଧ୍ୟାହ୍ନରେ ବଡ଼ଗାଁ ଦେବ ମଣ୍ଡପଠାରେ ଗ୍ରାମବାସୀ ହନୁମାନଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କଲାପରେ ଝଣ୍ଡା ସ୍ଥାପନ କରିଥିଲେ। ଏହାପରେ ହନୁମାନ ଝଣ୍ଡା ସହିତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବଡ଼ଗାଁର ଉତ୍କଳ ଖଡ୍ଡୁରା ସମାଜ ପକ୍ଷରୁ ବଜାର ଦାଣ୍ଡଠାରେ ଶୋଭାଯାତ୍ରୀ ଓ ପଥଚାରୀଙ୍କୁ ଥଣ୍ଡା ପାନୀୟ ଓ ସରବତ ବଣ୍ଟନ କରାଯାଇଥିଲା। ରାତିରେ ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ଆରମ୍ଭ ହୋଇଛି।

## ଇସ୍ପାତ ସହରରେ ରାମନବମୀ ପାଳିତ

**ରାଉରକେଲା, ୧୭।୪( ସଙ୍ଗୀତା ଜେନା)**

ରାମନବମୀ ଉତ୍ସବ ହର୍ଷ ଓ ଉଲ୍ଲାସର ସହ ଇସ୍ପାତ ସହରରେ ପାଳିତ ହୋଇଯାଇଛି। କୋଏଲ ନଗର ଡି ବ୍ଲକ ସ୍ଥିତ ଜୟ ହନୁମାନ ଟେମ୍ପୁଲ ଟ୍ରଷ୍ଟ ପରିଚାଳିତ ହନୁମାନ ମନ୍ଦିରର ରୌପ୍ୟ ଜୟନ୍ତୀ ଅବସରରେ ବୁଧବାର ଆଳତୀ, ହୋମ, ବାଲଭୋଗ, ପ୍ରସାଦ ସମର୍ପଣ ଓ ଅନ୍ୟାନ୍ୟ ପୂଜାବିଧି ହୋଇଥିଲା। ଏଥିସହ ଚିତ୍ରାଙ୍କନ ପ୍ରତିଯୋଗିତା, ମହିଳା କୀର୍ତ୍ତନ ପ୍ରତିଯୋଗିତା ଆଦିର ଆୟୋଜନ ହୋଇଥିଲା। ଅନୁରୂପ ଭାବେ ଛେଣ୍ଡ ସ୍ଥିତ ଭିଏସ୍‌ଏସ୍ ମାର୍କେଟ ସିରିଡି ସାଇ ଦେବାଳୟ ପକ୍ଷରୁ ରାମନବମୀ ଉତ୍ସବ ପାଳିତ ହୋଇଛି। ପୂର୍ବାହ୍ନରେ କାକଡ଼ ଆରତୀ, ଅଭିଷେକ, ସ୍ନାନ, ରୁଦ୍ରାଭିଷେକ ମଧ୍ୟାହ୍ନ ଆରତୀ, ସାନ୍ଧ୍ୟା ଆରତୀ ଆଦି ଆୟୋଜନ ହୋଇଥିଲା। ସନ୍ତୋଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ତ୍ତା ସଂଗ୍ରାମ କିଶୋର ଭୂୟାଁ, ଅଭୟ ମହାପାତ୍ର, ମାର୍କେଟ କମିଟି ସଭାପତି ରାଜୀବ ପ୍ରତିହାରୀ, ଶିକ୍ଷକ ଅଶ୍ୱିନୀ ପ୍ରଧାନ ସମେତ ମାର୍କେଟ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ସନ୍ଧ୍ୟାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଅନୁରୂପ ଭାବେ ବରଟୋଲି ସ୍ଥିତ ନମସ୍ୟା ଫାଉଣ୍ଡେଶନ ପରିଚାଳିତ ରାମେଶ୍ୱର ବାଟିକା ଓ ଭାଗବତ ଅଗଣାର ଦ୍ୱିତୀୟ ବାର୍ଷିକ ଉତ୍ସବ, ରାମନବମୀ ପୂଜା ଆୟୋଜନ କରାଯାଇଥିଲା। ଅତିଥିମାନେ ଧର୍ମତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## ୨୬ ଫୁଟର ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**କୁତ୍ରା, ୧୭।୪(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଖୁଟମୁଣ୍ଡାଠାରେ ୨୬ ଫୁଟ ଉଚ୍ଚତାର ନିର୍ମିତ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରୀତିନୀତି ଅନୁଯାୟୀ ହୋଇଯାଇଛି। ଜୟ ବଜରଙ୍ଗ ଭକ୍ତ ମଣ୍ଡଳୀ ତରଫରୁ ପ୍ରଥମେ କଳସ ଶୋଭାଯାତ୍ରା ସହ ପୂଜା ଆରମ୍ଭ କରାଯାଇଥିଲା। ଏଥିରେ କୌସ୍ତୁଭ ଭୂଷଣ ହୋତା ଓ ତାଙ୍କ ଧର୍ମପତ୍ନୀ ବ୍ରହ୍ମମୟୀ ମହାପାତ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଭିଷ୍ମଦେବ ବେହେରା,ଦୀନବନ୍ଧୁ ଗଡତିଆ,ପ୍ରମିଳା ଗଡତିଆ,କେଶବ ଚନ୍ଦ୍ର ଚୌଧୁରି, ଶଶୀଧର ଲାକଡା,ଦିବ୍ୟଲୋଚନ ସା ପ୍ରମୁଖ ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଲତାଲଗା ହନୁମାନ ମନ୍ଦିରରେ କର୍ତ୍ତା ଭାବେ ବିଦ୍ୟା ଲାକଡା ଓ ଅନିତା ଲାକଡାଙ୍କ ସମେତ ଲତାଲଗା ଓ କରମାବାହାଲ ଗ୍ରାମର ମିଳିତ ଉଦ୍ୟମରେ ହନୁମାନ ଶୋଭାଯାତ୍ରା ବାହାରି ଶ୍ରୀ ରାମ,ସୀତା ଓ ଲକ୍ଷ୍ମଣଙ୍କ ଭୂମିକାରେ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରି ଗ୍ରାମ ପରିକ୍ରମା କରି ଭକ୍ତିମୟ ପରିବେଷ ସୃଷ୍ଟି ହୋଇଥିଲା। ଝାରବେଡା,କଟଙ୍ଗ ଓ କୁତ୍ରାଠାରେ ମଧ ହନୁମାନ ଆଖଡା ଶୋଭାଯାତ୍ରାରେ ବହାରି ଗ୍ରାମ ପରିକ୍ରମା କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ।



## ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ

**ରାଉରକେଲା, ୧୭।୪(ସଙ୍ଗୀତା ଜେନା)**

ଇସ୍ପାତ ସହରରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ହରାଉଛି। ଅପରାଧିକ ମାମଲା ବୃଦ୍ଧି ପାଉଥିବାରୁ ଜିଲା କଂଗ୍ରେସର ନେତୃମଣ୍ଡଳୀ ରାଉରକେଲା ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛି। ସଭାପତି ରବି ରାୟଙ୍କ ନେତୃତ୍ୱରେ ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ବିରେନ ସେନାପତି, ଦେବବ୍ରତ ବିହାରୀ, ରାମପୁକାର ସିଂହ, ପ୍ରଭାତି ମିଶ୍ର, ରମେଶ ଗୁପ୍ତା ସମେତ ଅନ୍ୟ କର୍ମକର୍ତ୍ତା ରାଉରକେଲା ଏସ୍‌ପି ବ୍ରଜେଶ ରାୟଙ୍କୁ ଭେଟିଥିଲେ। ସହରରେ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ଏସପି ରାୟ କହିଥିଲେ।




ପୋଲିସ ମୁଖ୍ୟାଳୟରେ ଏସ୍‌ପିଙ୍କ ସହ କଂଗ୍ରେସ ନେତୃମଣ୍ଡଳୀ ଆଲୋଚନା କରୁଛନ୍ତି।

## ସ୍ମାର୍ଟସିଟିବାସୀଙ୍କ ପସନ୍ଦ ପଇଡ଼

**ରାଉରକେଲା, ୧୭।୪(ବିପ୍ଳବ ରଞ୍ଜନ ଦାଶ)**

### ଅସହ୍ୟ ଗ୍ରୀଷ୍ମ ପ୍ରବାହ

ସ୍ମାର୍ଟସିଟି ରାଉରକେଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପଇଡ ପାଣିର ଚାହିଦା ବିଶେଷ ବୃଦ୍ଧି ପାଇବାରେ ଲାଗିଛି। ସହରର ପାନପୋଷ ଛକ, ଛେଣ୍ଡ ଛକ୍ ଓ ସିଭିଲ ଟାଉନସିପ ଅଞ୍ଚଳରେ ପଇଡ ଚାହିଦା ଅଧିକ ରହିଛି। ପଇଡ ପିଛା ୪୦ରୁ ୫୦ ଟଙ୍କା ଲେଖାଏଁ ବିକ୍ରି ହେଉଛି। ଅପରାହ୍ନ ୪ଟା ମଧ୍ୟରେ ସବୁ ପଇଡ ବିକ୍ରି ହୋଇଯାଉଥିବା ବ୍ୟବସାୟୀ କହିଛନ୍ତି। ଏନେଇ ଆରଜିଏଚ୍ ପରିଚାଳକ ମୋହିତ ଶ୍ରୀବାସ୍ତବ କୁହନ୍ତି, ପ୍ରବଳ ଗ୍ରୀଷ୍ମ ପ୍ରବାହରେ ରାସାୟନିକ ଏବଂ ଅପମିଶ୍ରିତ ପାନୀୟ ପିଇବା ଅପେକ୍ଷା ପଇଡ, ଲେମ୍ବୁ ସରବତ ଭଳି ପ୍ରାକୃତିକ ପାନୀୟ ପିଇବା ସହର ବାସୀଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ଉପଯୋଗୀ ହେବ।



ଜଣେ ବ୍ୟବସାୟୀ ପଇଡ ବେପାର କରୁଛନ୍ତି।

## ଆଇଜିଏଚ୍‌ରେ ଅତ୍ୟାଧୁନିକ ହସ୍ପିଟାଲ ପ୍ରବନ୍ଧନ ସୂଚନା ବ୍ୟବସ୍ଥା ଶୁଭାରମ୍ଭ

**ରାଉରକେଲା, ୧୭।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପରିଚାଳିତ ଆଇଜିଏଚରେ ବୁଧବାର ଶୁଭାରମ୍ଭ ହୋଇଯାଇଛି ଏଚଏମଆଇଏସ ସିଷ୍ଟମ। ଆରଜିଏଚର ଏହି ନୂତନ ପଦ୍ଧତିକୁ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନା ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଶୁଭାରମ୍ଭ କରିଥିଲେ। ଏହି ଅତ୍ୟାଧୁନିକ ଏଚଏମଆଇଏସ ବ୍ୟବସ୍ଥା ରୋଗୀଙ୍କ ପାଇଁ ଲାଭ ଆଣିବା ସହିତ ସେମାନଙ୍କୁ ନିଖୁଣ ସ୍ୱାସ୍ଥ୍ୟସେବା ହାସଲରେ ସହାୟକ ହେବ। କ୍ୟୁଆର କୋଡ୍ ମାଧ୍ୟମରେ ଏକାକାଳୀନ ପଞ୍ଜୀକରଣ ସୁବିଧା ଠାରୁ ଆରମ୍ଭ କରି ପ୍ରଶାସନିକ ଭାର ଦୂର କରିବା, ଅନଲାଇନ୍‌ରେ ପରାମର୍ଶ ସମୟ ନିର୍ଘଣ୍ଟ ଏବଂ କାଗଜବିହୀନ ପରିଦର୍ଶନ ଏବଂ ଫଲୋ ଅପ ସୁବିଧା ପର୍ଯ୍ୟନ୍ତ ରୋଗୀମାନେ ବିନା ଅସୁବିଧାରେ ବିବିଧ ସ୍ୱାସ୍ଥ୍ୟ ସେବା ଲାଭ କରି ପାରିବେ। ଆଇଜିଏଚ କେୟାର ଆପ୍ ଦ୍ୱାରା ଯେକୌଣସି ସ୍ଥାନରେ ମେଡିକାଲ ରେକର୍ଡ ଗୁଡିକ ପାଇପାରିବେ। ଶୃଙ୍ଖଳିତ ପ୍ରକ୍ରିୟା ଏବଂ ଡିଜିଟାଲ ୱାର୍କଫ୍ଲୋ ଉଭୟ ରୋଗୀ ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ କାରୀଙ୍କ ପାଇଁ ସମୟ ପରିଚାଳନାକୁ ସହଜ କରିବା ସଙ୍ଗେ ସଙ୍ଗେ ଦକ୍ଷ ବିଲିଂ ଏବଂ ବୀମା ଦାବିକୁ ମଧ୍ୟ ସରଳ,ସୁଗମ ଏବଂ ତ୍ରୁଟିମୁକ୍ତ ଆର୍ଥିକ ଅଭିଜ୍ଞତା ନିଶ୍ଚିତ କରୁଛି। ହସ୍ପିଟାଲର ବିବିଧ କାର୍ଯ୍ୟଧାରାକୁ ଅଧିକ ଶୃଙ୍ଖଳିତ ଗଢି ରୋଗୀ ସେବା କ୍ଷେତ୍ରରେ ଦକ୍ଷତା ଏବଂ ସଠିକତା ସୁନିଶ୍ଚିତ କରିବା ନିମନ୍ତେ ଏହି ନୂତନ ପଦ୍ଧତି ବ୍ୟବସ୍ଥାର ଲକ୍ଷ୍ୟ ରହିଛି। ସିଷ୍ଟମର ପ୍ରମୁଖ ବୈଶିଷ୍ଟ ମଧ୍ୟରେ ପୁନରୁଦ୍ଧାର ଯୋଗ୍ୟ ରୋଗୀ ତଥ୍ୟ,ମେଡିକାଲ ରିପୋର୍ଟର ଅନଲାଇନ ଉପଲବ୍ଧତା,ମେଡିସିନ ଷ୍ଟକ ଉପଲବ୍ଧତା,ଅନଲାଇନ ବିଲିଂ ସିଷ୍ଟମ ଏବଂ ମେଡିକାଲ କାର୍ଡର ଅନଲାଇନ ଲିଙ୍କେଜ ଆଦି ଅନ୍ତର୍ଭୁକ୍ତ ରହିଛି। ଶୁଭାରମ୍ଭ ସମାରୋହରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା.ବି.କେ ହୋତା, ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରିଆ, ସିଏମଓ ଡା. ଏନ.ପି ସାହୁ, ଡା. ପି.କେ ମହାପାତ୍ର, ଡା. ଜେ.କେ ଆଚାର୍ଯ୍ୟଙ୍କ ସମେତ ଅନେକ ସିଜିଏମ,ଆଇଜିଏଚ ଡାକ୍ତର ଟିମ, କର୍ମଚାରୀ ଓ କାରଖାନାର ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ପଣଧାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଅତନୁ ଭୌମିକ ଆଇଜିଏଚର ନବୀକୃତ କ୍ୟାବିନି ବ୍ଲକକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଆଧୁନିକ ଟାଇଲ, ଆଲୋକ ବ୍ୟବସ୍ଥା ଏବଂ ଭିତ୍ତିଭୂମି ସହିତ ସୁସଜ୍ଜିତ କ୍ୟାବିନ ବ୍ଲକ ଆଇଜିଏଚ ଦ୍ୱାରା ରୋଗୀଙ୍କୁ ସର୍ବୋଚ୍ଚ ସ୍ତରର ସ୍ୱାସ୍ଥ୍ୟସେବା ଯୋଗାଇବା ପ୍ରତିବଦ୍ଧତାକୁ ସୂଚାଉଛି।



ସୂଚନା ପ୍ରବନ୍ଧନ ପଦ୍ଧତି ବ୍ୟବସ୍ଥା ଅତନୁ ଭୈମିକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଉଛି।

## ସଂକ୍ଷେପରେ

### ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ବିଜ୍ଞାନ ମେଳା

ସମ୍ବଲପୁର,୧୭।୪(ଭବାନୀ ଶଙ୍କର ଭୋଇ)

ବୁର୍ଲାସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୨ ଠାରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସପ୍ତମଠାରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାରରଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ନିର୍ଦ୍ଦେଶିକା ଗାୟତ୍ରୀ ମିଶ୍ର ବିଜ୍ଞାନ ମେଳା ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭୌତିକ ବିଜ୍ଞାନ ଶିକ୍ଷକ ନରେନ୍ଦ୍ର ଜୟନ୍ତୀ, ଗଣିତ ଶିକ୍ଷକ ନିରଞ୍ଜନ ସାହୁ ଓ ସୁମନ୍ତ ରଏ ମେଳା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅଭିଭାବକ ଯୋଗଦାନ କରି ପ୍ରକଳ୍ପ ବିଷୟରେ ଜ୍ଞାନ ଆହରଣ କରିଥିଲେ। ପରିଚାଳନା କମିଟି କର୍ମକର୍ତ୍ତା, କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହଯୋଗରେ ବିଜ୍ଞାନ ମେଳା ସଫଳତା ସହ ସମ୍ପାଦିତ ହୋଇଥିଲା ।

### ପଧାନପାଲିରେ ହନୁମାଙ୍କଡ଼ ଉପଦ୍ରବ

ପଡିଆବାହାଲ,୧୭।୪(ରାଧାମୋହନ ଷଡ଼ଙ୍ଗୀ)

ଝୁଝୁମୁରା ବ୍ଲକ ପଡିଆବାହାଲ ନିକଟ ପଧାନପାଲି ଗ୍ରାମରେ ସପ୍ତାହେ ହେଲା ହନୁମାଙ୍କଡ଼ ଉପଦ୍ରବ ଜାରି ରହିଛି। ଅନ୍ୟ ଅଞ୍ଚଳରୁ ପଳାଇ ଆସିଥିବା ହନୁ ଦଳ ବିଶେଷ କରି ଆମ୍ବ ଗଛରେ ଆଶ୍ରୟ ନେଉଥିବାବେଳେ ଆମ୍ବ ଛିଣ୍ଡାଇ ନଷ୍ଟ କରୁଛନ୍ତି। ସେହିପରି ଲୋକଙ୍କ ବାଡିରେ ପଶି ପନିପରିବା ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଘର ଉପରେ ଡେଇଁ ଯାଉଥିବାରୁ ଖପର ଭାଙ୍ଗି କଣା ହୋଇଯାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଗ୍ରାମର ବିମ୍ବାଧର ମିଶ୍ର, ସୁରୁବାବୁ ବାଗ ପ୍ରମୁଖଙ୍କ ଖପର ଛପର ନଷ୍ଟ ହୋଇଥିବାବେଳେ ପ୍ରମୋଦ ମିଶ୍ରଙ୍କ ଆମ୍ବ ବଗିଚା ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ବନବିଭାଗ ତରଫରୁ ସେମାନଙ୍କୁ ଘଉଡ଼ାଇବା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଉଦ୍‌ଯାପିତ

ଦେବଗଡ଼, ୧୭।୪(ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚାଲିଥିବା ୪ ଦିନିଆଁ ଜିଲାସ୍ତରୀୟ ଏଫଏଲଏନ ଓ ନନ-ଏଫଏଲଏନ ଆଧାରିତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀରେ ଜିଲାର ବାରକୋଟ, ତିଲେଇବଣି ଓ ରିଆମାଳ ବ୍ଲକରୁ ମୋଟ ୫୦ଜଣ ସିଆରସିସି ଓ ୧୦୦ଜଣ ଏଫଏଲ୍‌ଏନ ଓ ନନ-ଏଫଏଲଏନ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଯଥାଯୋଗ୍ୟ ଅଭିନବ ଶିକ୍ଷଣ ସାମଗ୍ରୀର ଶ୍ରେଣୀଗୃହ ଶିକ୍ଷଣ ପ୍ରକ୍ରିୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପ୍ରତିଷ୍ଠାନର ଅଧ୍ୟକ୍ଷ ଗୌଡ ଓ ବାରକୋଟ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ ଯୋଗ ଦେଇଥିଲେ। ପ୍ରଦର୍ଶନୀ ଆୟୋଜନରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ଗୁରୁଚରଣ ବୋଦ୍ରା, ଅନୀମା ତିର୍କୀ, ମନ୍ଦାକିନୀ ଗୁଡ୍ଡୁ, ନିବେଦିତା ବେହେରା, ସୁରମା ମିର୍ଦ୍ଧା ଓ ପାର୍ଥିବୀ ପ୍ରିୟଦର୍ଶୀନଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ପ୍ରଦର୍ଶନୀରେ ସିଆରସିସିମାନଙ୍କ ମଧ୍ୟରୁ ଭେନଓ କୁମାର ପ୍ରଧାନ ପ୍ରଥମ, ସତ୍ୟାନନ୍ଦ ବେହେରା ଦ୍ୱିତୀୟ ଏବଂ ଅଜୟ କୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଏଫଏଲଏନ ଓ ନନ-ଏଫଏଲଏନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ଆତ୍ମଜ କୁମାର ସେଠୀ ପ୍ରଥମ, ଜନକ ପ୍ରସାଦ ସାହୁ ଦ୍ୱିତୀୟ ଏବଂ ପଦ୍ମିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ଉପରୋକ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ୭୬ବର୍ଷରେ କବରାପାଲି ରାମନବମୀ ଉତ୍ସବ

## ୧୧ ଦିନ ମଣ୍ଡପରେ ପୂଜା ପାଇବେ ପ୍ରଭୁ ରାମ, ଲକ୍ଷ୍ମଣ ଓ ମାତା ସୀତା

ସମ୍ବଲପୁର,୧୭।୪ (ଭବାନୀ ଶଙ୍କର ଭୋଇ)

ବୁଧବାର ଚୈତ୍ରନବମୀରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମଦିନ ଅବସରରେ ଝୁଝୁମୁରା ବ୍ଲକ କବରାପାଲିଠାରେ ରାମନବମୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୧୯୪୮ରେ ଏଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ୭୬ବର୍ଷ ହେବ ରାମନବମୀ ଉତ୍ସବ ଆୟୋଜନ କରାଯାଇଆସୁଛି। ବୁଧବାର ସକାଳେ ଗାଁର ମହିଳାମାନେ କଳସରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ପ୍ରତିମାକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଅଶ୍ୱିନୀ ବିଶ୍ୱାଳଙ୍କ ନେତୃତ୍ୱରେ ରମେଶ ଦାସ, ସୁନିଲ ବିଶ୍ୱାଳ, ସୁବ୍ରତ ଦାସ ପ୍ରମୁଖ ପୌରୋହିତ୍ୟ କରିଥିଲେ। ଏଥିରେ ରବୀନ୍ଦ୍ର ବଢାଇ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦୀର୍ଘ ୧୧ଦିନ ଧରି ମହାପ୍ରଭୁ ମନ୍ଦିର ବାହାରେ ମଣ୍ଡପରେ ରହି ଭକ୍ତମାନଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ଏହି ସମୟରେ ପ୍ରତ୍ୟହ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଳା ନାଟକ ଆୟୋଜନ ହେବ। ୧୧ଦିନ ଧରି ଗାଁରେ ଆମିଷ ଭକ୍ଷଣ ବନ୍ଦ ରହିବା ପରମ୍ପରା ରହିଛି। କାର୍ଯ୍ୟକ୍ରମରେ ରାମନବମୀ କମିଟି ସଭାପତି ମହିମ ପ୍ରସାଦ ବଢାଇ, ଦିଲୀପ ବଢାଇ, କ୍ଷୀରୋଦ ସାହୁ, ମନୋଜ କୁମାର ପଧାନ, ହେମନ୍ତ ସାହୁ, ରଞ୍ଜିତ ପଧାନ, ସଞ୍ଜୟ କୁମାର ପଧାନ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଗୁରୁବାର ରାତିଠାରୁ ରାମଲୀଳା ପରିବେଷଣ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ପ୍ରତିମା ମନ୍ଦିରରୁ ମଣ୍ଡପକୁ ନିଆଯାଉଛି।

# ନାକଟିଦେଉଳରେ ଶ୍ରୀରାମ ନବମୀ ମହୋତ୍ସବ

ନାକଟିଦେଉଳ,୧୭।୪(ବୈକୁଣ୍ଠ ନାଥ ସାହୁ)



ନାକଟିଦେଉଳ ଗ୍ରାମର ଶ୍ରୀ ରଘୁନାଥ ଜୀଉ ମନ୍ଦିରରେ ବୁଧବାର ପବିତ୍ର ରାମନବମୀ ମହୋତ୍ସବ ଆରମ୍ଭ ହୋଇଛି। ଏହା ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ପୂଜା ଓ ହୋମକାର୍ଯ୍ୟ ପରେ ରାମାୟଣ ପାଠ କରାଯାଉଛି। ମନ୍ଦିର ବେଢାରେ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି। ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସି ଶ୍ରୀ ରାମଚନ୍ଦ୍ର, ମାତା ସୀତା, ଲକ୍ଷ୍ମଣ ଏବଂ ହନୁମାନଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ ଗ୍ରାମର ଦୁର୍ଯ୍ୟୋଧନ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଧୀରେନ କୁମାର ପଣ୍ଡା ପୁରୋହିତ ଭାବେ ହୋମ ଓ ପଜା କର୍ମ ସମ୍ପାଦନ କରୁଛନ୍ତି। ପୂଜା କମିଟି ପକ୍ଷରୁ ରାବଣ ପୋଡ଼ି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ରେଙ୍ଗାଲିରେ ସ୍ୱାଧୀନ ପ୍ରାର୍ଥୀ ଦେବ ଭୀମ୍ ଆର୍ମି

ସମ୍ବଲପୁର,୧୭।୪ (ଭବାନୀ ଶଙ୍କର ଭୋଇ)

ବିଗତ କିଛିବର୍ଷ ହେବ ଦଳିତ ଆଦିବାସୀ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ଭୀମ ଆର୍ମି ଚଳିତ ନିର୍ବାଚନରେ ରେଙ୍ଗାଲି ବିଧାନସଭାରେ ସ୍ୱାଧୀନ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି। ଭୀମ୍ ଆର୍ମିର ରାଜ୍ୟ ସମ୍ପାଦକ ବିକାଶ ଗୌଡଙ୍କ ସଭାପତିତ୍ୱରେ ବୁଧବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୀମ୍ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କୁ ରେଙ୍ଗାଲି ବିଧାନସଭାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା କରିବାକୁ ଘୋଷଣା କରାଯାଇଛି। ଭୀମ ଆର୍ମି ବିଗତ ଦିନରେ ଅବହେଳିତ ଲୋକଙ୍କ ଅଧିକାର ପାଇଁ ଲଢେଇ କରି ଆସିଥିବାବେଳେ ଆଗାମୀ ଦିନରେ ପ୍ରତ୍ୟକ୍ଷ ଭାବେ ରେଙ୍ଗାଲିବାସୀଙ୍କ ହକ୍ ପାଇଁ ରାଜନୈତିକ ମଇଦାନରେ ଛିଡାହେବ ବୋଲି କୁହାଯାଇଛି। ଏହାସହ ଭୀମ୍ ଆର୍ମି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ସ୍ଥାନୀୟ ନିଯୁକ୍ତି ଉପରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ଆଗାମୀ ଦିନରେ ସ୍ଥାନୀୟ ଶିଳ୍ପ ସଂସ୍ଥାଗୁଡିକ ଅଞ୍ଚଳର ବିକାଶରେ ଭାଗିଦାରୀ ସୁନିଶ୍ଚିତ କରାଯିବ ବୋଲି ରେଙ୍ଗାଲିରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଘୋଷିତ ହୋଇଥିବା ଲଙ୍କେଶ ରାବଣ ଘୋଷଣା କରିଛନ୍ତି। ସେହିପରି ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜ୍ଞାନେନ୍ଦ୍ର ବେହେରା ମଇଦାନକୁ ଓହ୍ଲାଇବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଆଦିବାସୀ ଡେଭ୍‌ଲପ୍‌ମେଣ୍ଟ ଆସୋସିଏଶନ ସଭାପତି ଦିନେଶ ମୁଣ୍ଡା, ରବିଦାସ ସମାଜର ଜିଲା ଉପସଭାପତି ଗୋପୀନାଥ ରୋହିଦାସ, ଗଣ୍ଡା ସମାଜର ସଭାପତି ଭୁବନ ବାଗ, ଘାସୀ ସମାଜର କ୍ଷୀରୋଦ ବେହେରା ପ୍ରମୁଖ ମଞ୍ଚାସୀନ ରହି ସମର୍ଥନ ଘୋଷଣା କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଥିବା ଉଭୟ ପ୍ରାର୍ଥୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯିବା ସହ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭୀମ୍ ଆର୍ମି କର୍ମକର୍ତ୍ତା।

# ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ବିଜୁବାବୁ

ସମ୍ବଲପୁର,୧୭।୪(ପ୍ରମୋଦ ବହିଦାର)

ସମ୍ବଲପୁରରେ ବିଜେଡି ପକ୍ଷରୁ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଜେଡି ନେତୃମଣ୍ଡଳୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ରେମେଡ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଠାରେ ଆୟୋଜିତ ସଭାରେ ଦଳୀୟ ନେତା ଓ କର୍ମୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରି ଆଧୁନିକ ଓଡ଼ିଶା ଗଠନ ଦିଗରେ ରହିଥିବା ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋଚନା କରିଥିଲେ। ଏହାସହ ତାଙ୍କୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଭାବେ ବର୍ଣ୍ଣନା କରି ତାଙ୍କ ନୀତି ଓ ଅଦର୍ଶ ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏଥିରେ ବିଜେଡି ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ବିଜେଡି ମୁଖପାତ୍ର ତଥା କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ, ସମ୍ବଲପୁର ବିଧାନସଭା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଧର୍ମରାଜ ମରେଇ, ହୀରାଲାଲ ବେହେରା, ଯୁବ ବିଜେଡି ଜିଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ଶୁଭାଂଶୁ ପାଢ଼ୀ, ସଂଖ୍ୟାଲଘୁ ସେଲ ସଭାପତି ସବୀର ହୋସେନ, ମହିଳା ବିଜେଡି କାର୍ଯ୍ୟକାରୀ ଅଧ୍ୟକ୍ଷା ଉଷା ପ୍ରଧାନ, ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ମହାନଗର ଅଧ୍ୟକ୍ଷା ସଂଯୁକ୍ତା ମେହେର ପ୍ରମୁଖଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।



ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

### ଥଣ୍ଡା ପାନୀୟଜଳ ପ୍ରକଳ୍ପ ଅଚଳ

କୁଚିଣ୍ଡା,୧୭।୪(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ବ୍ଲକ ପାରୁଆଭାଡି ସାପ୍ତାହିକ ବଜାରରେ ସ୍ଥାପିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଏକବର୍ଷ ହେବ ଅଚଳ ହୋଇପଡିଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗ ଅନୁଯାୟୀ, ପାରୁଆଭାଡି ପଞ୍ଚାୟତର ପାରୁଆଭାଡି ସାପ୍ତାହିକ ବଜାରରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ଥଣ୍ଡା ପାନୀୟଜଳ ପ୍ରକଳ୍ପ ସ୍ଥାପିତ ହୋଇଛି। ଏହାଦ୍ୱାରା ଜନସାଧାରଣ ଥଣ୍ଡା ପାନୀୟଜଳ ପାଇ ତୃଷା ମେଣ୍ଟାଇ ଆସୁଥିବା ବେଳେ ପ୍ରାୟ ବର୍ଷେ ହେବ ପ୍ରକଳ୍ପ ଅଚଳ ହୋଇପଡିଛି। ଫଳରେ ଜନସାଧାରଣ ଓ ସାପ୍ତାହିକ ବଜାରର ଦୋକାନୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ କେଦାରନାଥ ମାଝିଙ୍କୁ ପଚାରିବାରେ ତୁରନ୍ତ ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି।

# ପ୍ରମାଣ ଅଭାବରୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼, ୧୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସହକାରୀ ଦୌରାଜଜ ତଥା ଫାଷ୍ଟ ଟ୍ରାକ କୋର୍ଟ ସୁଧିର କୁମାର ମିଶ୍ର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ପ୍ରମାଣ ଅଭାବରୁ ପଦ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରାପ୍ତ ବିବରଣୀ ଅନୁଯାୟୀ ଗତ ୨୦୧୫ ମସିହା ଅକ୍ଟୋବର ୩୦ ଅପରାହ୍ନରେ ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମର ପଦ ସେହି ଗ୍ରାମର ଗ୍ରାମରକ୍ଷୀ ଗଙ୍ଗା ପାତ୍ରଙ୍କ ଝିଅମାନଙ୍କୁ ଅସଦାଚରଣ କରିବାସହ ଟଙ୍ଗିଆ ସାହାଯ୍ୟରେ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲା। ଏପରିକି ପଦ ଓ ତାଙ୍କ ସ୍ତ୍ରୀ ଗ୍ରାମରକ୍ଷୀ ଗଙ୍ଗା ପାତ୍ରଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗଙ୍ଗାଙ୍କ ବାସଗୃହକୁ ପଥର ମାଡ କରି ଭାଙ୍ଗି ଦେଇଥିଲେ। ଗଙ୍ଗା କାମ ସାରି ଦେବଗଡ ଥାନାରୁ ଘରକୁ ଫେରୁଥିବାବେଳେ ପଦ ପାତ୍ର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ଫଳରେ ଗ୍ରାମରକ୍ଷୀ ଗଙ୍ଗା ଅଚେତ ହୋଇ ତଳେ ପଡିଯାଇଥିଲେ । ଗ୍ରାମବାସୀ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗଙ୍ଗାଙ୍କ ପୁଅ ପ୍ରହ୍ଲାଦ ପାତ୍ର ଏନେଇ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ପଦ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ୨୦୧୫ ନଭେମ୍ବର ୬ରେ ପଦ ଅଦାଲତରେ ଆତ୍ମ ସମର୍ପଣ କରିଥିଲା। ଅଦାଲତରେ ପୋଲିସ ପକ୍ଷରୁ ଚାର୍ଜସିଟ ଦାଖଲ ହେବାପରେ ୨୦୧୬ରୁ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଅଦାଲତ ଏହି ମାମଲାରେ ମୁଦେଇ ପକ୍ଷରୁ ୧୬ ଜଣ ଓ ମୁଦାଲା ପକ୍ଷରୁ ୨ଜଣଙ୍କ ସାକ୍ଷ୍ୟ ଗ୍ରହଣ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲ ପରେ ପ୍ରମାଣ ଅଭାବରୁ ପଦ ପାତ୍ରଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିବା ଜଣାପଡିଛି। ପଦ ପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ ଓ ତାଙ୍କର ସହଯୋଗୀ ଜନ୍ମେଜୟ ପ୍ରଧାନ ମୋକଦ୍ଦମା ପରିଚାଳନା କରୁଥିଲେ।

# ୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ

ନାକଟିଦେଉଳ,୧୭।୪(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଥାନା କୁଲବସା ଗ୍ରାମ ନିକଟ ଟିକିରା ନଦୀ ହୁଡ଼ାରେ ଦେଶୀ ମହୁଲି ମଦ ରନ୍ଧା ଯାଉଥିବା ସମ୍ପର୍କରେ ଖବର ପାଇ ପୋଲିସ ମଙ୍ଗଳବାର ଚଢାଉ କରିଥିଲା। ସମ୍ପୃକ୍ତ ବ୍ୟକ୍ତି ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଥିବା ବେଳେ ପୋଲିସ ସେଠାରୁ ମଦ ରନ୍ଧାରେ ବ୍ୟବହୃତ ଡେ଼କ୍‌ଚି, ଡ୍ରମ, ଚୁଲା ଆଦି ଭାଙ୍ଗିରୁଜି ନଷ୍ଟକରିଛି। ଏଥି ସହିତ ୨ କୁଇଣ୍ଟାଲ ମହୁଲି ପୋଚ ମଧ୍ୟ ନଷ୍ଟ କରିଥିଲା। ନାକଟିଦେଉଳ ଥାନା ଅଧିକାରୀ ଝସକେତନ ଭୋଇଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଏଏସ୍‌ଆଇ ହୀରାଧର ବେହେରା, ସୁଲେମାନ ହରୋ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି କୁଲବସା ଗ୍ରାମରେ ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ପୋଲିସ ଜଣଙ୍କ ଘରୁ ୮ଲିଟର ଦେଶୀ ମଦ ଜବତ କରିଛି।

### ଭାରତନାଟ୍ୟମ୍ ପ୍ରଶିକ୍ଷାର୍ଥୀଙ୍କ ଘୁଙ୍ଗୁରୁ ପୂଜା କାର୍ଯ୍ୟକ୍ରମ



ଉଡାନ ପକ୍ଷରୁ ଘୁଙ୍ଗୁରୁ ପୂଜା କାର୍ଯ୍ୟକ୍ରମ।

ସମ୍ବଲପୁର,୧୭।୪(ବି.ଶଙ୍କର)

ପବିତ୍ର ରାମନବମୀ ତିଥିରେ ମା' ସମଲେଇ ମନ୍ଦିରରେ ସାଂସ୍କୃତିକ ଅନୁଷ୍ଠାନ ଉଡାନ ପକ୍ଷରୁ ବୁଧବାର ଘୁଙ୍ଗୁରୁ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଭାରତନାଟ୍ୟମ୍ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ଆରମ୍ଭ କରିବା ପୂର୍ବରୁ ରୀତିନୀତି ଅନୁସାରେ ଘୁଙ୍ଗୁରୁ ପୂଜା କରିଛନ୍ତି। ଉଡାନ ଅଧ୍ୟକ୍ଷା ତମନ୍ନା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ୧୭ଜଣ ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା। ପରମ୍ପରାକ୍ରମେ ପୂଜା ସମ୍ପନ୍ନ ପରେ ସେମାନଙ୍କୁ ଭାରତନାଟ୍ୟମ୍ ନୃତ୍ୟ ଶିକ୍ଷା ପ୍ରଦାନ କରାଯିବ। ସେମାନେ ୮ବର୍ଷ ପର୍ଯ୍ୟନ୍ତ ନୃତ୍ୟ ଶିକ୍ଷା କରିବେ। ଆଗକୁ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟରେ ଏଭଳି ଶିକ୍ଷାଗତ ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅଧ୍ୟକ୍ଷା ତମନ୍ନା କହିଛନ୍ତି ।

# ସମଲେଇଙ୍କ ଆଶୀର୍ବାଦ ନେଲେ କଂଗ୍ରେସ ପ୍ରାର୍ଥୀ

## ସମ୍ବଲପୁର ବିଧାନସଭା କ୍ଷେତ୍ର

ସମ୍ବଲପୁର,୧୭।୪(ବି.ଶଙ୍କର)

ସମ୍ବଲପୁର ବିଧାନସଭା କ୍ଷେତ୍ର ସକାଶେ କଂଗ୍ରେସ ପକ୍ଷରୁ ପୁରୁଖା ନେତା ଦୁର୍ଗାପ୍ରସାଦ ପାଢ଼ୀଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଦଳୀୟ ଟିକେଟ ପାଇବା ପରେ ଦୁର୍ଗାପ୍ରସାଦ ବୁଧବାର ସନ୍ଧ୍ୟାରେ ଇଷ୍ଟଦେବୀ ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ପୂର୍ବକ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏ ନେଇ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ସମ୍ପ୍ରତି ରାଜ୍ୟ ଓ ଦେଶରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଜନସାଧାରଣ ମଧ୍ୟ ସରକାର ପରିବର୍ତ୍ତନ କରିବାକୁ ମନସ୍ଥ କରିଛନ୍ତି। ଏହିକ୍ରମରେ ସମ୍ବଲପୁର ଭୋଟରମାନେ ଚଳିତ ସାଧାରଣ ନିର୍ବାଚନରେ ଉଭୟ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କୁ ତିରସ୍କାର କରି ଜାତୀୟ ଦଳ କଂଗ୍ରେସକୁ ଗ୍ରହଣ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି। ବୁଧବାର ସମଲେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛି। ଆଗକୁ ଦଳୀୟ ନେତା, କର୍ମୀ, ଶିକ୍ଷାବିତ, ସଚେତନ ନାଗରିକ, ଆଇନଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯିବ। ସମ୍ବଲପୁର ବିଧାନସଭାକୁ ରାଜ୍ୟର ଏକ ବିକଶିତ ନିର୍ବାଚନମଣ୍ଡଳୀ କରିବାକ ଲକ୍ଷ୍ୟ ରହିଛି। ରାଜ୍ୟରେ କଂଗ୍ରେସର ସ୍ଥିତି ଭଲ ଥିବାବେଳେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦଳ ଉପରେ ରହିଛି। ତେଣୁ କଂଗ୍ରେସର ବିଜୟ ସୁନିଶ୍ଚିତ। ତେବେ ସମ୍ବଲପୁରରେ ହେବି ୱେଟ ପ୍ରାର୍ଥୀ ଥିବା ପ୍ରସଙ୍ଗ ଠିକ୍ ଲାଗୁନାହିଁ। କାରଣ ନିର୍ବାଚନରେ କେହି ହେବି ୱେଟ ନ ଥାନ୍ତି। ସମ୍ବଲପୁର ଜନତାଙ୍କ ବିଶ୍ୱାସ ତାଙ୍କ ସହ ଅଛି। କଂଗ୍ରେସ ନିଜର ଗ୍ୟାରେଣ୍ଟି କାର୍ଡକୁ ନେଇ ଲୋକଙ୍କ ପାଖକୁ ଯିବା ସହ ସରକାରଙ୍କ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ କରିବ। ବିଶେଷ କରି ୨୪ବର୍ଷ ଶାସନରେ ଭାଜପା ଓ ବିଜେଡି ସରକାର ଲୋକଙ୍କ ପାଇଁ କିଛି କରି ନ ଥିବା ପ୍ରସଙ୍ଗ ନେଇ ଦଳ ଲୋକଙ୍କ ପାଖକୁ ଯିବ। ସମ୍ବଲପୁର ବିଧାନସଭାର ସମସ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ସମର୍ଥନ ତାଙ୍କ ପଛରେ ଅଛି। ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ, ଯୁବ ବିକାଶ, ୫ ଲକ୍ଷ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩୦୦୦ ଟଙ୍କା, ବୋନସ୍ ସହ ଧାନ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷି ଋଣ ଛାଡ, କୃଷକଙ୍କ ପାଇଁ ମାସିକ ୨୦୦୦ ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ଭତ୍ତା ୨୦୦୦ ଟଙ୍କା, ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା, ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଭାବେ ଲାଗୁ କରାଯିବା ନେଇ ଦଳ ସ୍ଥିର କରିଛି ବୋଲି ଦୁର୍ଗାପ୍ରସାଦ କହିଛନ୍ତି ।



ସମଲେଶ୍ୱରୀ ମନ୍ଦିରରେ ଅନ୍ୟମାନଙ୍କ ସହ କଂଗ୍ରେସ ପ୍ରାର୍ଥୀ ଦୁର୍ଗାପ୍ରସାଦ ପାଢ଼ୀ।

# ରେଙ୍ଗାଲିରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

ରେଙ୍ଗାଲି,୧୭।୪(ଦେବବ୍ରତ ପଣ୍ଡା)

ରେଙ୍ଗାଲି ବ୍ଲକ ଡ୍‌ବିଜେଡ଼ି କାର୍ଯ୍ୟାଳୟଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଶୋକ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, ସମ୍ବଲପୁର ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ମହେନ୍ଦ୍ର ଓରାମ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ, ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ରମେଶ ପଟୁଆ, ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

